# ଏକକ -୫ ଶିଶୁର ଅଧିକାର ଓ ବିଦ୍ୟାଳୟର ବ୍ୟବସ୍ଥା ସମୂହ

ଟିପ୍ପଣୀ

ସଂରଚନା


୫.୦. ଉପକ୍ରମ

୫.୧. ଶିକ୍ଷଣ ଉଦ୍ଦେଶ୍ୟ

୫.୨. ଶିକ୍ଷା ପାଇଁ ଅଧିକାର ଆଧାରିତ ଦୃଷ୍ଟିଭଙ୍ଗୀ ।

୫.୩ ଏକ ସମାଗ୍ରୀକ ସ୍କୁଲର ଦୃଷ୍ଟିଭଙ୍ଗୀ ।

୫.୪ ଶିଶୁକୈନ୍ଦ୍ରିକ ଶୈକ୍ଷିକ ପ୍ରକ୍ରିୟାକୁ ସାବଲୀଳ କରିବା

୫.୫ ସାରାଂଶ

୫.୬ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୫.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ

୫.୮ ପାଠାନ୍ତ ପ୍ରଶ୍ନାବଳୀ ।


## ୫.୦ ଉପକ୍ରମ

ଏହି ପାଠ୍ୟକ୍ରମର ଭାଗ ୧ରେ ତୁମେ ଶିକ୍ଷକ, ପିତାମାତା ଓ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ଓ ବିଦ୍ୟାଳୟର ବିକାଶ ପାଇଁ ସେମାନଙ୍କ ଅବଦାନ ବିଷୟରେ ପଢିଛ । ଗୋଷ୍ଠୀ ଏକ ମୂଲ୍ୟବାନ ସମ୍ବଳ ଓ ବିଦ୍ୟାଳୟ ସହ ଏହାର ଫଳପ୍ରଦ ଭାବବିନିମୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଉଦାହରଣ ସ୍ୱରୂପ ଏଥିପାଇଁ S S A ଓ RTE ପରିସରରେ ଗୋଷ୍ଠୀର ଅଂଶଗ୍ରହଣ ଯଥା PTA, MTA, SMC ଇତ୍ୟାଦିର ଆଲୋଚନା ହୋଇଛି । ଏହି ଭାଗରେ ତୁମେ ବିଦ୍ୟାଳୟ ବ୍ୟବସ୍ଥା ଓ ପିଲାଙ୍କ ଶିକ୍ଷଣ ଉପରେ ତା'ର ପ୍ରଭାବ ବିଷୟରେ ପଢିବ । ସାମଗ୍ରିକ ଭାବରେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସ୍କୁଲରେ ଥିବା ସୁବିଧା ଓ ସମ୍ବଳ ସମ୍ବନ୍ଧରେ ଜଣେ ଶିକ୍ଷକ ରୂପେ ତୁମେ ସଚେତନ ହେବ ଓ ବିଦ୍ୟାଳୟର ବିକାଶ ପାଇଁ ତାର ମୂଲ୍ୟାୟନ କରିପାରିବ । ଏକ ନିରାପଦ, ସୁସ୍ଥ ପରିବେଶ ସହ ଶିଶୁକୈନ୍ଦ୍ରିକ ଓ ଶିଶୁ ସହ ବନ୍ଧୁତ୍ୱପୂର୍ଣ୍ଣ ପ୍ରକ୍ରିୟା ବିଦ୍ୟାଳୟ ବ୍ୟବସ୍ଥାର ଦାୟିତ୍ୱ ଅଟେ । ଏଗୁଡିକ ଏବେ ବିଭିନ୍ନ ଆନ୍ତର୍ଜାତୀୟ ଓ ଜାତୀୟ ବ୍ୟବସ୍ଥା ଦ୍ୱାରା ନିଶ୍ଚିତ କରାଯାଇଛି । ବୟସ ଅନୁଯାୟୀ ଶିକ୍ଷାର୍ଥୀଙ୍କ ପାଇଁ ମୌଳିକ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା ପ୍ରତ୍ୟେକ ରାଜ୍ୟ ପାଇଁ ବାଧ୍ୟତାମୂଳକ । ଏହି ଏକକରେ ତୁମେ ମାନବୀୟ ମୌଳିକ ଅଧିକାର ପରିପ୍ରେକ୍ଷୀରେ ଶିଶୁର ଅଧିକାର ଓ ସ୍କୁଲରେ ବ୍ୟବସ୍ଥାଗୁଡିକ ସମ୍ବନ୍ଧରେ ପଢିବ । ଏହା ଶ୍ରେଣୀର ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ କିପରି ପ୍ରଭାବିତ କରେ ଜାଣିବ । ଏକ ପ୍ରାରମ୍ଭିକ ବିଦ୍ୟାଳୟର ଶିକ୍ଷକ ରୂପେ ତୁମର ଭୂମିକା ପରିପ୍ରେକ୍ଷୀରେ ସମଗ୍ର ସ୍କୁଲ ବ୍ୟବସ୍ଥାରେ ଥିବା ଧାରଣାଗୁଡିକ ବୁଝିବ ।

## ୫.୧ ଶିକ୍ଷଣ ଉଦ୍ଦେଶ୍ୟ ସମୂହ :

ଏହି ଏକକଟି ପଢିବାପରେ ତୁମେ -

- ଶିକ୍ଷାପାଇଁ ଅଧିକାରକୁ ଏକ ମାନବୀୟ ଅଧିକାର ରୂପେ ବୁଝାଇପାରିବ
- ମାନବୀୟ ଅଧିକାର ପରିପ୍ରେକ୍ଷୀରେ ଶିଶୁର ସଂଜ୍ଞା ନିରୂପଣ କରିପାରିବ
- ସମଗ୍ର ସ୍କୁଲ ଦୃଷ୍ଟିଭଙ୍ଗୀର ସଂଜ୍ଞା ନିରୂପଣ କରିପାରିବ

ଟିପ୍ପଣୀ

- ସ୍କୁଲ ଭିତରେ ଓ ବାହାରେ ଉପଲବ୍ଧ ବିଭିନ୍ନ ସମ୍ବଳର ବର୍ଣ୍ଣନା କରିପାରିବ
- ବିଦ୍ୟାଳୟରେ ଉପଲବ୍ଧ ସମ୍ବଳ ଗୁଡିକୁ RTE ଅଧିନିୟମ ୨୦୦୯ର ବ୍ୟବସ୍ଥାଗୁଡିକ ମଧ୍ୟରେ ତୁଳନା କରିପାରିବ
- ବିଦ୍ୟାଳୟ ଯାଉଥିବା ପିଲାଙ୍କ ପ୍ରବେଶ ପାଇଁ ଥିବା ପ୍ରତିବନ୍ଧକଗୁଡିକ ଉଦାହରଣ ଦେଇ ଦର୍ଶାଇପାରିବ
- ବିଦ୍ୟାଳୟରେ ପିଲାଙ୍କ କାର୍ଯ୍ୟ ସମ୍ପାଦନକୁ ପ୍ରଭାବିତ କରୁଥିବା କାରକଗୁଡିକର ଆଲୋଚନା କରିପାରିବ
- ଶିକ୍ଷାର୍ଥୀ କୈନ୍ଦ୍ରିକ ଓ ଶିକ୍ଷାର୍ଥୀ ସହ ବନ୍ଧୁଭାବାପନ୍ନ ଶୈକ୍ଷିକ ପନ୍ଥା ବ୍ୟବହାର କରିବାର ପ୍ରଭାବର ବର୍ଣ୍ଣନା କରିପାରିବ ।

## ୫.୨ ଶିକ୍ଷାରେ ଅଧିକାର ଆଧାରିତ ପନ୍ଥା/ଦୃଷ୍ଟିଭଙ୍ଗୀ

ସହରାଞ୍ଚଳରେ ହେଉଥିବା ଏହି ସାଧାରଣ ଦୃଶ୍ୟପଟକୁ ପଢ ଓ ବିଚାରକର-

୧. ଏକ ବସତିର ଅଧିବାସୀଙ୍କ ପାଇଁ ସୋହନ ଓ ମଞ୍ଜୁନାମକ ଦମ୍ପତ୍ତି କପଡା ଇସ୍ତ୍ରୀ କରୁଥିଲେ । ସେମାନଙ୍କ ୧୦ ଓ ୮ ବର୍ଷର ଦୁଇଟି ଝିଅ ଅଛନ୍ତି । ଦମ୍ପତ୍ତିଟି ସାକ୍ଷର ହୋଇଥିଲେ ସୁଦ୍ଧା ଅନୁଷ୍ଠାନିକ ଭାବରେ ସ୍କୁଲ ଯାଇନଥିଲେ । ସେମାନେ ସକାଳ ୯ ଟାରୁ ରାତି ୮ଟା ପର୍ଯ୍ୟନ୍ତ କାମ କରୁଥିଲେ । ସେମାନଙ୍କ ଦୁଇ ପିଲା ସ୍କୁଲ ଯାଆନ୍ତି । ଏହା ସହିତ ସ୍କୁଲ ସମୟ ପରେ ଓ ଛୁଟିଦିନ ମୁଣ୍ଡରେ କପଡା ବୋଝ ଧରି ବସ୍ତି ବାସିନ୍ଦାଙ୍କ ଘରେ ପହଞ୍ଚାଇ ପିତାମାତାଙ୍କୁ ସାହାଯ୍ୟ କରୁଥିଲେ । ଯେତେବେଳେ କାମ ଅଧିକ ଥାଏ ଦୁଇଝିଅ ସ୍କୁଲ ନଯାଇ ବାପା ମା'ଙ୍କୁ ସହାଯ୍ୟ କରନ୍ତି । କିଛି ବାସିନ୍ଦା ଏହି କାମରେ ପିଲାଙ୍କୁ ନ ଲଗାଇବା ପାଇଁ ସତର୍କ କରାଇଥିଲେ । ଏପରିକି ସ୍କୁଲ ଯିବା ଉପରେ ମଧ୍ୟରେ ସେମାନେ ଗୁରୁତ୍ୱଆରୋପ କରିଥିଲେ । ସେହି ଅଞ୍ଚଳରୁ ବିତାଡିତ ହେବା ଭୟରେ ଉଭୟ ବାପା ମା' ଏହି ଅଭ୍ୟାସ ବନ୍ଦ କରିଥିଲେ ।

୨. ସହରାଞ୍ଚଳର ବଜାରରେ ମହେଶର ତେଜରାତି ଦୋକାନ ଥିଲା । ସେ ୧୪ ବର୍ଷରୁ କମ୍ ପିଲାଙ୍କୁ ଦୂତ ଭାବେ ଅଞ୍ଚଳର ବାସିନ୍ଦାଙ୍କ ଘରେ ଜିନିଷ ପହଞ୍ଚାଇବା କାମରେ ନିଯୁକ୍ତ କରୁଥିଲା । ପିଲାମାନେ ସ୍କୁଲରେ ନାମ ଲେଖାଇନଥିଲେ ଓ ନିଜର ଗରିବ ପରିବାର ପାଇଁ ଆୟର ଉତ୍ସ ଥିଲେ । ତାଙ୍କ ପରିବାର ଜେଜେ ଅଞ୍ଚଳରେ ରହୁଥିଲେ । ମହେଶ ପିଲାଙ୍କୁ ବହୁତ ଗାଳି ଦେଉଥିଲା ଓ ତାର ବ୍ୟବସାୟ ବହୁତ ବଢୁଥିଲା । କହାର କିଛି କହିବାର ନ ଥିଲା ।

୩. ଏକ ବସତିରେ ଲାଜୋ ଅନେକ ଘରେ ଘରୋଇ କାମରେ ସହାୟତା କରୁଥିଲା । ତାର ସ୍ୱାମୀ ଜଣେ ରିକ୍ସାଚାଳକ । ପାଞ୍ଚଟି ଝିଅ ଓ ଦୁଇଟି ପୁଅ ଏପରି ସେମାନଙ୍କ ସାତଟି ପିଲା । କେବଳ ପୁଅମାନେ ସ୍କୁଲ ଯାଉଥିଲେ ମାତ୍ର ଝିଅମାନେ ସେମାନଙ୍କୁ ନିଯୁକ୍ତିଦାତାଙ୍କ ଘରେ ବା ନିଜ ଘରେ ରୋଷେଇ, ଧୁଆଧୋଇ ବା ଅନ୍ୟ କାମରେ ସାହାଯ୍ୟ କରୁଥିଲେ । କିଛି ଗୃହମାଲିକ ସେମାନଙ୍କ ଝିଅଙ୍କୁ ସ୍କୁଲରେ ଭର୍ତ୍ତି କରିବା ପାଇଁ ପରାମର୍ଶ ଦେଲେ ମାତ୍ର ବାପା ମା' ଏହାର ପ୍ରବଳ ବିରୋଧ କରି ମନା କଲେ । ଝିଅଙ୍କୁ ସ୍କୁଲ ପଠାଇଲେ ପରିବାରର ଆୟ ଯଥେଷ୍ଟ କମିଯିବ । ସେମାନଙ୍କୁ ସେଥିରୁ ନିବୃତ୍ତ କରାଯାଇପାରିଲା ନାହିଁ ଓ ଝିଅମାନେ ସ୍କୁଲ ଯିବା ଅଧିକାରରୁ ବଞ୍ଚିତ ହୋଇରହିଲେ ।

ଏହି ଉଦାହରଣଗୁଡିକ ପିଲାଙ୍କ ଅପବ୍ୟବହାର ହିଁ ଥିଲା ଓ ଏପରି ବ୍ୟବହାର ତାଙ୍କର ପିତାମାତା ଓ ଗୋଷ୍ଠୀ ହିଁ କରିଥିଲେ । ଏହା ପିଲାଙ୍କ ମୌଳିକ ଶିକ୍ଷା ଅଧିକାରକୁ ମନାକରିବା ହିଁ ଥିଲା । ତୁମେ ରାଜି ହେବ ଯେ ବ୍ୟକ୍ତି ଓ ସମାଜ ଜୀବନର ଗୁଣାତ୍ମକ ମାନ ବଢାଇବାରେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଛି । ଏହା ଆର୍ଥିକ ପ୍ରଗତି ପାଇଁ ଭିତ୍ତିଭୂମି, ବୈଜ୍ଞାନିକ ଓ ବୈଷୟିକ ଉନ୍ନତି ଯୋଗାଏ ଓ ତାହାଦ୍ୱାରା ଦାରିଦ୍ର୍ୟ ହଟାଇବା ତଥା ସାମାଜିକ ସମାନତାର ଅବକାଶ ସୃଷ୍ଟିକରେ । ବ୍ୟକ୍ତିଗତ ଓ ସାମାଜିକ ବିକାଶ ପାଇଁ ବିଶ୍ୱସ୍ତରରେ ଶିକ୍ଷାର ପ୍ରମୁଖ ଭୂମିକା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଉଛି । ଆନ୍ତର୍ଜାତିକ ସଙ୍ଗଠନ ଓ ଅନୁଷ୍ଠାନମାନ ସ୍କୁଲ ବାହାରେ ଥିବା ଓ ପାଠତ୍ୟାଗୀ ପିଲାଙ୍କୁ ମୌଳିକ ଶିକ୍ଷା ଯୋଗାଇବା ପାଇଁ ନିୟମ ପ୍ରବର୍ତ୍ତନ କରିଛନ୍ତି । ୧୯୪୮ ଜାତିସଂଘର ଧାରା ୨୬ର ମାନବିକ ଅଧିକାରରେ ଦାବି କରାଯାଇଛି ଯେ

ଟିପ୍ପଣୀ

ପ୍ରତ୍ୟେକଙ୍କ ଶିକ୍ଷା ପାଇଁ ଅଧିକାର ଅଛି ଓ ଶିକ୍ଷା ମାଗଣା ହେବା ଆବଶ୍ୟକ । ଶିକ୍ଷା ବ୍ୟବସ୍ଥାରେ ସମସ୍ତ ଚେଷ୍ଟା ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ପ୍ରେରିତ ହେବାଉପରେ ମଧ୍ୟ ଏଥିରେ ଗୁରତ୍ୱ ଦିଆଯାଇଛି । ଏହା ମାନବିକ ଅଧିକାରକୁ ଦୃଢ କରିବ ଓ ଗୁଣାତ୍ମକ ଶିକ୍ଷା ପାଇଁ ମୌଳିକ ଅଧିକାରକୁ ନିଶ୍ଚିତ କରିବ । ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ଉପରେ ଆନ୍ତର୍ଜାତିକ ଚୁକ୍ତିନାମା ଧାରା ୧୩ (ICESCR) ସ୍ପଷ୍ଟ ରୂପେ କହିଛି ଯେ "ଶିକ୍ଷା ନିଜେ ଏକ ମାନବିକ ଅଧିକାର ଓ ଅନ୍ୟ ମାନବିକ ଅଧିକାର ହାସଲ ପାଇଁ ଏହା ଏକ ସାଧନ ଅଟେ । ଏହା ବିଶ୍ୱାସ କରାଯାଏ ଯେ ମହିଳା ଶସକ୍ତିକରଣ ପାଇଁ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ଏହା ପିଲାଙ୍କୁ ବିଭିନ୍ନ ବିପଦରୁ , ଉତ୍ପାଦକ ଶ୍ରମରୁ ରକ୍ଷା କରେ, ମାନବିକ ଅଧିକାରକୁ ରକ୍ଷା କରେ, ବିକାଶ, ପରିବେଶ ସୁରକ୍ଷା ଓ ଜନସଂଖ୍ୟା ନିୟନ୍ତ୍ରଣରେ ସହାୟତା କରେ । (chinobo, ୨୦୦୫)

### ୫.୨.୧ ଶିକ୍ଷା ପରିପ୍ରେକ୍ଷୀରେ ଶିଶୁର ଅଧିକାର ସମୂହ




**ଶିକ୍ଷଣ କାର୍ଯ୍ୟ ୧** – ଉପରେ ଦିଆଯାଇଥିବା ଉଦାହରଣ ବ୍ୟତୀତ ତୁମ ଅଞ୍ଚଳ ବା ସ୍କୁଲର ଦୁଇଟି ଉଦାହରଣ ଯାହା ତୁମେ ଦେଖିଛ, ପଢିଛ ବା ଶୁଣିଛ ଲିପିବଦ୍ଧ କର । ସେଇ ଘଟଣା ପାଇଁ ତୁମର ପ୍ରତିକ୍ରିୟା ବର୍ଣ୍ଣନା କର ଯାହା ତୁମେ କରି ପାରିବ ବା ଉତ୍ପିଡିତ ହୋଇଥିବା ପିଲାଙ୍କୁ ସାହାଯ୍ୟ କରିବା ପାଇଁ ନେଇ ପାରିଥାନ୍ତ ।

ତୁମେ ଜାଣ ଯେ ପ୍ରତ୍ୟେକ ସମାଜରେ ଶିଶୁମାନଙ୍କୁ ଅପବ୍ୟବହାର ଓ ଶୋଷଣ କରାଯାଏ । ତୁମେ ଚାରିପାଖରେ ଶିଶୁ ଶ୍ରମିକ, ପିଲାଙ୍କୁ ବାପା ମା'ଙ୍କ ମାଡ, ଶିକ୍ଷକଙ୍କ ଦ୍ୱାରା ଶାରିରୀକ ଦଣ୍ଡ, ଲିଙ୍ଗ ଓ ଜାତି ଆଧାରରେ ସ୍କୁଲରେ ପକ୍ଷପାତ ଇତ୍ୟାଦି ଦେଖିବ । ଶିଶୁର ବ୍ୟକ୍ତିତ୍ୱ ଗଠନରେ ଶିକ୍ଷକ ଏକ ମୁଖ୍ୟ ଭୂମିକା ତୁଲାଇଥାନ୍ତି । ଜଣେ ଭଲ ଶିକ୍ଷକ, ପିଲା ମନରେ ଗଭୀର ଛାପ ଛାଡନ୍ତି ଯାହା ସାରା ଜୀବନ ପାଇଁ ରହେ । ଘର ପରେ ଶିକ୍ଷକ ହିଁ ଶିଶୁର ବିକାଶକୁ ପ୍ରଭାବିତ କରିଥାନ୍ତି । ଜଣେ ଶିକ୍ଷକ ରୂପେ ତୁମ ଅଞ୍ଚଳ, ସ୍କୁଲ ଓ ଶ୍ରେଣୀରେ ଏକ ନିରାପଦ ଓ ସୁସ୍ଥ ପରିବେଶ ନିଶ୍ଚିତ କରିବାର ଗୁରୁଦାୟିତ୍ୱ ତୁମ ଉପରେ ଅଛି । ତୁମେ ଜ୍ଞାନର ବିତରକ ବା ଶିକ୍ଷଣର ନେତୃତ୍ୱ ନେବାଠାରୁ ତୁମ ନିଜର ଆଉ ଏକ ବୃହତ୍ତର ଦାୟିତ୍ୱ ଥିବାର ଦେଖିବା ଆବଶ୍ୟକ । ଶିକ୍ଷକ ରୂପେ ତୁମେ ସାମଜିକ ପରିବର୍ତ୍ତନ ପାଇଁ ଜଣେ ପୃଷ୍ଟପୋଷକ, ମାର୍ଗଦର୍ଶକ, ନେତା, ରକ୍ଷକ ଓ ଦକ୍ଷ ପ୍ରତିନିଧି ହେବା ଆବଶ୍ୟକ । ଶିଶୁକୁ ଅପବ୍ୟବହାରରୁ ରକ୍ଷା କରିବା ପାଇଁ ତୁମେ ବିଶେଷ କରି ଶିକ୍ଷା ପରିପ୍ରେକ୍ଷୀରେ ଶିଶୁ ଅଧିକାର ସମୂହ ସମ୍ବନ୍ଧରେ ବୁଝିବା ଦରକାର ।

**ଶିଶୁର ସଂଜ୍ଞା ନିରୂପଣ କରିବା :**

ଶିଶୁର ଅଧିକାର ଉପରେ ଜାତିସଂଘ ସମ୍ମେଳନ (UNCRC) ଶିଶୁର ସଜ୍ଞା ଦେଇଛି ଯାହା ଅଧିକାଂଶ ଦେଶ ଦ୍ୱାରା ଅନୁମୋଦିତ ହୋଇଛି । ଆନ୍ତର୍ଜାତୀୟ ଆଇନ ଅନୁସାରେ ଶିଶୁର ସଜ୍ଞା ହେଲା " ୧୮ ବର୍ଷରୁ କମ୍ ଯେକୌଣସି ମଣିଷ" ।

ଭାରତରେ ମଧ୍ୟ ୧୮ ବର୍ଷରୁ କମ୍ ବ୍ୟକ୍ତିମାନଙ୍କର ଏକ ନିର୍ଦ୍ଦିଷ୍ଟ ଆଇନ ସିଦ୍ଧ ପରିଚୟ ଅଛି ।

**ନିଜ ଅଗ୍ରଗତି ଆକଳନ-୧**

ନିମ୍ନ ପ୍ରଶ୍ନର ଉତ୍ତର ଦିଅ । ଉତ୍ତର ଲେଖିବା ପାଇଁ ସ୍ଥାନ ଦିଆଯାଇଛି ।

୧. ଭାରତର ଆଇନରେ କେତେବର୍ଷରେ ଜଣେ (ପୁରୁଷ ଓ ମହିଳା)

କ) ବିବାହ କରିପାରିବ ?

ଟିପ୍ପଣୀ

ଖ) ଗାଡି ଚଳାଇବା ଲାଇସେନ୍ସ ପାଇବ ?

ଗ) ନିଜର ଭୋଟ ଅଧିକାର ସାବ୍ୟସ୍ତ କରିପାରିବ ?

.................................................................................................

.................................................................................................

ତେଣୁ ତୁମ ଅଞ୍ଚଳ/ସହର/ଗ୍ରାମର ସେଇ ସବୁ ବ୍ୟକ୍ତି ଯାହାଙ୍କ ବୟସ ୧୮ ବର୍ଷରୁ କମ୍ ସେମାନେ ଶିଶୁ ଓ ତୁମର ସୁରକ୍ଷା ଓ ସମର୍ଥନ ଆବଶ୍ୟକ କରନ୍ତି ।

୨. ପିଲାମାନେ କାହିଁକି ଅଧିକଧ୍ୟାନ ଆବଶ୍ୟକ କରନ୍ତି ? ଏହା ଏଥିପାଇଁ ଯେ -

କ) ସେମାନଙ୍କ ଜୀବନ ପରିଧିରେ ସେମାନେ ବୟସ୍କଙ୍କ ଅପେକ୍ଷା ବିଭିନ୍ନ କାର୍ଯ୍ୟ ବା ନିଷ୍କ୍ରିୟତା ର ଶିକାର ହେବାର ସମ୍ଭାବନା ଅଧିକ ।

ଖ) ଆମର ଓ ଅନ୍ୟାନ୍ୟ ସମାଜରେ ଶିଶୁମାନଙ୍କୁ ସେମାନଙ୍କ ମନ, ମତାମତ ଓ ଦକ୍ଷତା ସହ ନିଷ୍ପତ୍ତି ନେବା ଓ ସମାଜକୁ କିଛି ଅନୁଦାନ ଦେବା ପାଇଁ ଯୋଗ୍ୟ ବ୍ୟକ୍ତି ରୂପେ ବିଚାର କରାଯାଇନଥାଏ ।

ଗ) ଶିଶୁମାନେ ଭୋଟ ଦେଇପାରନ୍ତି ନାହିଁ ଓ ସେମାନଙ୍କ କଥା ଶୁଣାଯାଏ ନାହିଁ ।

ଘ) ଶିଶୁମାନେ ଅପବ୍ୟବାହାର ଓ ଉତ୍ପିଡ଼ନ ପ୍ରବଣ ଅଟନ୍ତି ।

ଶିଶୁ ଅଧିକାର ପାଇଁ ଜାତିସଂଘ ସମ୍ମେଳନ ହିଁ ସବୁଠୁ ପ୍ରମୁଖ ଆର୍ନ୍ତଜାତିକ ଆଇନ ସିଦ୍ଧସାଧନ (CRC) । ଏହା ଶିଶୁଙ୍କ ମାନବିକ ଅଧିକାର ଉପରେ ଗୁରୁତ୍ୱ ଦିଏ କାହିଁକି ନା ଶିଶୁମାନେ ହିଁ ଅନେକ କାମ ଓ ନିଷ୍କ୍ରିୟତାର ଶିକାର ପ୍ରବଣ ଗୋଷ୍ଠୀ ଓ ବୟସ୍କଠାରୁ ସ୍ୱତନ୍ତ୍ର ମାର୍ଗଦର୍ଶନ ଓ ସୁରକ୍ଷାର ଆଶା ପୋଷଣ କରନ୍ତି । ତୁମେ ଶିଶୁ ଅଧିକାର ସମ୍ମେଳନର ବିଭିନ୍ନ ବୈଶିଷ୍ଟ୍ୟ ର ଗୁଡିକ ବୁଝିବା ଦରକାର । ଯେପରି....

୧. ଏହା ଉଭୟ ବାଳିକା ଓ ବାଳକ (ଯେଉଁମାନଙ୍କ ବୟସ ୧୮ରୁ କମ୍)ଙ୍କ ପାଇଁ ପ୍ରଯୁଯ୍ୟ ଯଦିଓ ସେମାନେ ବିବାହିତ ଓ ତାଙ୍କର ସନ୍ତାନ ସନ୍ତତି ଥିବେ ।

୨). ଶିଶୁର ସର୍ବୋତ୍ତମ ଆଗ୍ରହ, ପକ୍ଷପାତ ଶୂନ୍ୟ ଓ ପିଲାର ମତ ପ୍ରତି ସମ୍ମାନ ପ୍ରଦାନ ନୀତିମାନଙ୍କ ଦ୍ୱାରା ମାର୍ଗ ଦର୍ଶନ କରାଯିବ ।

୩). ପିଲାଙ୍କ ସୁସ୍ଥ ବୃଦ୍ଧି ଓ ବିକାଶ ପାଇଁ ପରିବାର ଓ ଉପଯୁକ୍ତ ପରିବେଶ ଉପରେ ଏହା ଗୁରୁତ୍ୱ ଆରୋପ କରେ । ଶିଶୁ ଅଧିକାର ସମ୍ମେଳନ (CRC) ଚାରୋଟି ଅଧିକାର ଯଥା ନାଗରିକ, ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଦିଗଗୁଡିକ ପ୍ରତି ଧ୍ୟାନ ଆକର୍ଷଣ କରେ– ସେଗୁଡିକ ହେଲା

- ବଞ୍ଚି ରହିବା
- ବିକାଶ
- ସୁରକ୍ଷା
- ଅଂଶଗ୍ରହଣ

ଏହି ଅଧିକାରଗୁଡିକ ପରସ୍ପର ନିର୍ଭରଶୀଳ, ମାତ୍ର ସେମାନଙ୍କ ସ୍ୱରୂପ ପାଇଁ ସେମାନଙ୍କୁ ତତ୍‌କ୍ଷଣିକ ଓ ପ୍ରଗତିଶୀଳ ଅଧିକାର ଉପରେ ଶ୍ରେଣୀବିଭାଗ କରାଯାଇଛି ।



ଟିପ୍ପଣୀ

ତତ୍‌କ୍ଷଣିକ ଅଧିକାର - ଏହି ଅଧିକାର (ନାଗରିକ ଓ ରାଜନୈତିକ) ଅର୍ନ୍ତଗତ ଦିଗ ଗୁଡ଼ିକୁ ହେଲା – କ) ପକ୍ଷପାତ, ଖ) ଅପରାଧିକ ବିଷୟରେ ନିରପେକ୍ଷ ଶୁଣାଣୀ ଅଧିକାର, ଗ) ଦଣ୍ଡ, ଘ) ପୃଥକ୍ ରୂପର କୈଶୋର ନ୍ୟାୟବ୍ୟବସ୍ଥା, ଙ) ଜୀବନର ଅଧିକାର, ଚ) ଜାତୀୟତାର ଅଧିକାର, ଛ) ପରିବାର ସହ ପୁନଃ ମିଳିତ ହେବା ଅଧିକାର ।

ପ୍ରଗତିଶୀଳ ଅଧିକାର – ଏହା ତତ୍‌କ୍ଷଣାତ ଧ୍ୟାନ ଓ ପଦକ୍ଷେପର ଦାବି ରଖେ । ପ୍ରଗତିଶୀଳ ଅଧିକାର ଅନ୍ତର୍ଗତ ଅଧିକାର ଗୁଡିକ ହେଲା, - ସ୍ୱାସ୍ଥ୍ୟ, ଶିକ୍ଷା, ଅନ୍ୟାନ୍ୟ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର । ପ୍ରଗତିଶୀଳ ଅଧିକାର ପରିପ୍ରେକ୍ଷୀରେ ଶିଶୁ ଅଧିକାର ସମ୍ମେଳନ (CRC) ଏହା ମଧ୍ୟ କହିଛି ଯେ ରାଷ୍ଟ୍ର, ନିଜର ଉପଲବ୍ଧ ସମ୍ବଳ ଅନୁଯାୟୀ ପଦକ୍ଷେପ ନେବ ଯାହା ଅନ୍ତର୍ଜାତିକ ସହଯୋଗ ଭିତ୍ତିରେ ଆବଶ୍ୟକତା ମୁତାବକ ହେବ ।

ତେଣୁ ଶିକ୍ଷା ପାଇଁ ଅଧିକାର ସି.ଆର୍.ସି.ର ପ୍ରଗତିଶୀଳ ମାନବିକ ଅଧିକାର ଅନ୍ତର୍ଭୁକ୍ତ ଅଟେ । ତୁମେ ବୃତ୍ତିରେ ଶିକ୍ଷକ ରୂପେ ନିଶ୍ଚିତ କରିବ ଯେ ତୁମ ପରିସରରେ ପିଲାମାନେ ନିମ୍ନଲିଖିତ ଅପବ୍ୟବହାରରୁ ସୁରକ୍ଷିତ ଅଟନ୍ତି ।

- ଶୋଷଣ
- ଅପବ୍ୟବହାର
- ଅମାନବୀୟ ବା ଅପମାନଜନକ ବ୍ୟବହାର
- ଅବହେଳା

ସେମାନଙ୍କ ସାମାଜିକ, ଅର୍ଥନୈତିକ ଓ ଭୌଗୌଳିକ ପରିସ୍ଥିତି ହେତୁ ସମସ୍ତ ଶିଶୁ ଅପବ୍ୟବହାର ଓ ଶୋଷଣରୁ ସୁରକ୍ଷା ଆବଶ୍ୟକ କରନ୍ତି ।

**ଶିକ୍ଷଣ କାର୍ଯ୍ୟ** – ୨.

ସ୍କୁଲ ବାହାରେ ଥିବା ଶିଶୁଙ୍କୁ ପାଞ୍ଚୋଟି ଶ୍ରେଣୀର ତାଲିକା କର ଯେଉଁମାନେ ତୁମର ବିଶେଷ ଧ୍ୟାନ ଓ ସୁରକ୍ଷା ଆବଶ୍ୟକ କରନ୍ତି । ଉଦାହରଣ ସ୍ୱରୂପ ରାସ୍ତା କଡ଼ର ପିଲା ଏକ ଶ୍ରେଣୀ ଅଟେ ।

ପିଲାମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଚିହ୍ନଟ ପାଇଁ ତୁମେ ପ୍ରସ୍ତୁତ ହେବା ଓ ସୁସଜ୍ଜିତ ହେବା ଦରକାର । ସ୍କୁଲର ବା ବାହାର ପିଲାଙ୍କୁ ଅପବ୍ୟବହାର ଓ ଶୋଷଣଠାରୁ ସୁରକ୍ଷା ଦେବା ପାଇଁ ତୁମେ ବିଭିନ୍ନ ସମ୍ଭାବ୍ୟ ରାସ୍ତା ଖୋଜି ବାହାର କରିବା ଦରକାର ।

### ୫.୨.୨. ମାନବିକ ଅଧିକାର ରୂପେ ଶିକ୍ଷା ଅଧିକାର

ଆର୍ନ୍ତଜାତିକ ଆଇନ ସାଧନ ସଂପର୍କରେ ତୁମେ ପୂର୍ବ ବିଭାଗ ଗୁଡିକରେ ପଢିଛ ଯାହା ଶିକ୍ଷାକୁ ଏକ ମାନବିକ ଅଧିକାର ରୂପେ ବିଚାର କରେ । ଭାରତୀୟ ସମ୍ବିଧାନ ମଧ୍ୟ ଶିଶୁଙ୍କ ଅଧିକାର ରୂପେ ଗ୍ରହଣ କରାଯାଇଛି । ଭାରତୀୟ ସମ୍ବିଧାନ ମଧ୍ୟ ଶିଶୁଙ୍କ ଅଧିକାରକୁ ନିଶ୍ଚିତ କରିଛି । ସେଗୁଡିକ ହେଲା –

୧. ୬- ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ପ୍ରାରମ୍ଭିକ ଶିକ୍ଷା ପାଇଁ ଅଧିକାର । ( ଧାରା ୨୧ –କ)

୨. ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଯେକୌଣସି ବିପଜ୍ଜନକ ନିଯୁକ୍ତିରୁ ସୁରକ୍ଷା ଅଧିକାର । (ଧାରା ୨୪)

୩. ବୟସ ଓ ସାମାର୍ଥ୍ୟ ବୃତ୍ତିକୁ ଅର୍ଥନୈତିକ ବାଧ୍ୟବାଧକତାରେ ପଶିବା ତଥା ଅପବ୍ୟବହାରରୁ ସୁରକ୍ଷା ଅଧିକାର ( ଧାରା ୩୯ (ଙ))

୪. ସମାନ ସୁଯୋଗ ଓ ସୁବିଧା, ସ୍ୱାଧୀନ ପରିସ୍ଥିତି ମର୍ଯ୍ୟାଦାସମ୍ପନ୍ନ ଅବସ୍ଥା, ଶୈଶବର ଓ ଯୁବାବସ୍ଥାର ନିଶ୍ଚିତତା, ଶୋଷଣ; ନୈତିକ ଓ ବିଷୟଗତ ବହିଷ୍କାର ସୁରକ୍ଷା ଅଧିକାର । ଏ ସବୁରୁ ସୁରକ୍ଷା ଏକ ସୁସ୍ଥ ବୃଦ୍ଧି ଓ ବିକାଶ ରେ ସହାୟକ ହେବା ବିଧେୟ । (ଧାରା ୩୯ (ଚ))

ପିଲାମାନଙ୍କୁ ମୌଳିକ ସାଧିନତା, ମାନବିକ ଅଧିକାର ପାଇଁ ସମ୍ମାନ ଆଧାରରେ ଏକ ସମନ୍ୱିତ ଶିକ୍ଷାଦେବା ହେଉଛି ସ୍କୁଲର ଏକ ମହତ୍‌ପୂର୍ଣ୍ଣ ଦାୟିତ୍ୱ । ସ୍କୁଲରେ ଦିଆଯାଉଥିବା ଶିକ୍ଷା ବ୍ୟକ୍ତିର ସାମଗ୍ରୀକ ବିକାଶ ପାଇଁ ନିର୍ଦ୍ଦେଶିତ ହେବା ଆବଶ୍ୟକ । ଅଧିକାର ଆଧାରିତ ଦୃଷ୍ଟିଭଙ୍ଗୀର ଧାରଣା ଏକ ଆଦର୍ଶ ସ୍କୁଲର ଲକ୍ଷଣ ଗୁଡିକର ସୂଚନା ଦିଏ ଯାହା ସମସ୍ତଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇଥାଏ । ରାଜ୍ୟ ଓ ଅନୁଷ୍ଠାନ ଜରିଆରେ ସାର୍ବଜନୀନ ଶିକ୍ଷାକୁ ଦୃଢ଼ କରିବା ଏହାର ଲକ୍ଷ୍ୟ । ଏ କ୍ଷେତ୍ରରେ ସ୍କୁଲର ପ୍ରଶାସନିକ ଢ଼ାଞ୍ଚା ( ଏସ୍.ମି.ସି ଓ ପିଟିଏସ) ଓ ଶୈକ୍ଷିକ ମନ୍ତ୍ରୀମଣ୍ଡଳ ଥାଏ । ଏହି ଦୃଷ୍ଟିଭଙ୍ଗୀ ଶିକ୍ଷାଗତ ଅଧିକାର ପାଇଁ ରାଷ୍ଟ୍ର ଉତର ଦାୟିବୋଲି ଗ୍ରହଣ କରେ । ରାଷ୍ଟ୍ର ଏପରି ନୀତି ଓ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ଯାହା ସମସ୍ତ ପକ୍ଷପାତ / ଭେଦଭାବ ଦୂର କରିବ ଓ ସମସ୍ତଙ୍କ ପାଇଁ ସମାନ ଶୈକ୍ଷିକ ସୁଯୋଗକୁ ନିଶ୍ଚିତ କରିବ । ଏହା ସମସ୍ତ ରାଜ୍ୟ ପାଇଁ ଏକ ଆହ୍ୱାନ ଅଟେ ।

**ମାଗଣ ଓ ବାଧ୍ୟତାମୂଳକ ଶିକ୍ଷା ଅଧିନିୟମ ୨୦୦୯ ପାଇଁ ପିଲାମାନଙ୍କ ଅଧିକାର :**

ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ପାଇଁ ଆମ ଦେଶରେ ହେଉଥିବା ପ୍ରୟାସ ସମ୍ବନ୍ଧରେ ଜଣେ ପ୍ରାଥମିକ ଶିକ୍ଷକ ରୂପେ ତୁମେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ । କୋର୍ସ ୧ ରେ ତୁମେ ଏ ବିଷୟରେ ବିଶଦ ଭାବେ ପଢିଛ । ଆମେ ସେଗୁଡିକର ସଂକ୍ଷିପ୍ତ ସମୀକ୍ଷା ଏଠାରେ କରିବା । ସାଧୀନତା ପରେ ଭାରତ ସରକାର ବିଭିନ୍ନ ନୀତି, ପଦକ୍ଷେପ ଓ ପ୍ରଚେଷ୍ଟା ଜରିଆରେ ପିଲାଙ୍କୁ ମାଗଣା, ବାଧ୍ୟତାମୂଳକ ଓ ଗୁଣାତ୍ମକ ମୌଳିକ ଶିକ୍ଷା ଦେବା ପାଇଁ ନିଜର ପ୍ରତିବଦ୍ଧତା ଦର୍ଶାଇଛନ୍ତି । ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥା ଓ ଅନ୍ୟମାନଙ୍କୁ ଭାଗିଦାର କରି ଏହି ଆହ୍ୱାନର ମୁକାବିଲା ପୂର୍ବକ ସମସ୍ତଙ୍କ ପାଇଁ ଶିକ୍ଷା (ଇ.ଏଫ.ଏ.) ର ଉଦ୍ଦେଶ୍ୟ ହାସଲ କରିବା ପାଇଁ ଚେଷ୍ଟା କରଛନ୍ତି । ସ୍ୱାଧୀନୋତ୍ତର ଭାରତରେ ଅନେକ କମିଶନ, ଓ କମିଟି ସ୍ପଷ୍ଟ ରୂପେ ଜାତୀୟ ପ୍ରଗତି ଓ ନିରାପତା ପାଇଁ ଶିକ୍ଷା ବ୍ୟବସ୍ଥାର ଢ଼ାଞ୍ଚାରେ ପୁର୍ନଗଠନ ଓ ସଙ୍ଗଠନର ଆବଶ୍ୟକତା ଦର୍ଶାଇଛନ୍ତି ।

ଭାରତ ସରକାର ୨୦୦୦ ମସିହାରେ ସର୍ବଶିକ୍ଷା ଅଭିଯାନ ( ଏସ୍.ଏସ୍.ଏ.) ପ୍ରବର୍ତ୍ତନ ମାଧ୍ୟମରେ ୟୁ.ଇ.ଇ ଲକ୍ଷ୍ୟ ସମସ୍ତ ୩୮ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ହାସଲ କରିବା ସ୍ଥିର କଲେ । ୟୁ.ଇ.ଇ. ଏକ ସମୟ ସୀମାରେ ହାସଲ କରିବା ଓ ସାମିଲ କରିବା ହିଁ ଏସ୍.ଏସ୍.ଏ.ର ବୈଶିଷ୍ଟ୍ୟ ଅଟେ । ୨୦୦୨ ମସିହାରେ ୮୬ ତମ ସମ୍ବିଧାନ ସଂଶୋଧନ ଜରିଆରେ ପୂର୍ବରୁ ଥିବା Dinective princeple କୁ ଏକ ମୌଳିକ ଅଧିକାର ରୂପେ ସ୍ୱୀକୃତି ଦେଲା । ୬ ରୁ ୧୪ ବର୍ଷ ବୟସ୍କ ସମସ୍ତ ପିଲାଙ୍କ ପାଇଁ ଏହା ଉଦ୍ଦିଷ୍ଟ ଅଟେ ।

ଧାରା ୨୧ – (କ) କହେ ଯେ - "ଶିକ୍ଷାପାଇଁ ଅଧିକାର – ୬ ରୁ ୧୪ ବର୍ଷ ବୟସର ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦେବା ଆଇନ ଆଧାରରେ ରାଷ୍ଟ୍ର ଏହାସ୍ଥିର କରିବ ।"

ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ପିଲାଙ୍କ ଅଧିକାର ଅଧିନିୟମ ୨୦୦୯ ଧାରା ୨୧ – (କ) ଆଇନର ପ୍ରତିନିଧିତ୍ୱ କରେ । ଏହାର ଅର୍ଥ ହେଲା ପ୍ରତ୍ୟେକ ପିଲାର ସମ୍ପୂର୍ଣ୍ଣ ସମୟ ସନ୍ତୋଷଜନକ ଓ ସମାନତା ଭିତିରେ ପ୍ରାରମ୍ଭିକ ଶିକ୍ଷାର ଅଧିକାର ଅଛି । ଏକ ଅନୁଷ୍ଠାନିକ ସ୍କୁଲରେ ଶିକ୍ଷାଯୋଗାଇ ଦିଆଯିବ, ଯାହା ନିର୍ଦ୍ଦିଷ୍ଟ ମାନଦଣ୍ଡ ରକ୍ଷା କରୁଥିବ । ବାଧ୍ୟତାମୂଳକ ଶିକ୍ଷା ସମ୍ପୃକ୍ତ ସରକାରଙ୍କ ପାଇଁ ବାଧ୍ୟତାମୂଳକ ହେବ ଯେଉଁଥିରେ ପିଲାମାନେ ନାମ ଲେଖାଇବେ, ନିୟମିତ ବିଦ୍ୟାଳୟରେ ଉପସ୍ଥିତ ରହିବେ ଓ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିବେ । ମାଗଣାଶିକ୍ଷାର ଅର୍ଥହେଲା ସ୍କୁଲରେ ଦାଖଲ ହୋଇଥିବା କୌଣସି ପିଲା କୌଣସିଫିସ୍ ବା ଖର୍ଚ୍ଚ ଦେବନାହିଁ । ଏଥିରେ ଟ୍ୟୁସନ ଫି, ପୋଷାକ, ବହି, ପଠନସାମଗ୍ରୀ ଖର୍ଚ୍ଚ ଦେବ ନାହିଁ । ଯାହା ପ୍ରାଥମିକ ଶିକ୍ଷା ବଜାୟ ରଖିବା ଓ ସମ୍ପୂର୍ଣ୍ଣ କରିବାରୁ ତାକୁ ବଞ୍ଚିତ କରିବ ନାହିଁ ।

ଟିପ୍ପଣୀ

ଆର୍.ଟି.ଇ. ଅଧିନିୟମ ୨୦୦୯ ଓ ଧାରା ୨୧ କୁ ଯାହା ସମ୍ବିଧାନର ମୌଳିକ ଅଧିକାର ଅନ୍ତର୍ଭୁକ୍ତ ହୋଇଛି ତାହା ୧ ଅପ୍ରେଲ ୨୦୧୦ରୁ କାର୍ଯ୍ୟକାରୀ ହୋଇଛି । ୬ ରୁ ୧୪ ବର୍ଷ ବୟସର ପ୍ରତ୍ୟେକ ପିଲାପାଇଁ ଶିକ୍ଷାର ଅଧିକାର - ଯାହା ଏକ ମୌଳିକ ଅଧିକାର - ନିଶ୍ଚିତ କରାଯାଇଛି । ଏହି ଅଧିନିୟମ ଏକ ନ୍ୟାୟିକ ଆଇନ ଢ଼ାଞ୍ଚା ଯାହା ପିଲାକୁ ଏକ ଯୁକ୍ତିଯୁକ୍ତ ଗୁଣାତ୍ମକମାନର ଶିକ୍ଷା ଯୋଗାଇବା ନିଶ୍ଚିତ କରିଛି । ଏପରି ଏକ ଶିକ୍ଷା ବ୍ୟବସ୍ଥା ସମାନତା ଓ ଭେଦଭାବ ରହିତ ନୀତି ଉପରେ ଆଧାରିତ । ଅନ୍ୟ ଭାଷାରେ କହିଲେ ଉଦବେଗ, ଚାପ ଓ ଭୟଶୂନ୍ୟ ଏକ ଶିକ୍ଷା ବ୍ୟବସ୍ଥାକୁ ଏହା ସୂଚାଏ ।

**ନିଜ ଅଗ୍ରଗତିର ଆକଳନ – ୨**

ପ୍ରଶ୍ନର ଉତ୍ତର ଦିଅ । ଉତ୍ତର ଲେଖିବା ପାଇଁ ଖାଲିସ୍ଥାନ ଦିଆଯାଇଛି ।

୧.ଶିକ୍ଷାପାଇଁ ଅଧିକାର ବ୍ୟତୀତ ପିଲାଙ୍କପାଇଁ ଦୁଇଟି ସାମ୍ବିଧାନିକ ଅଧିକାରର ତାଲିକା କର ।

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

## ୫.୩. ସମଗ୍ର ସ୍କୁଲ ଦୃଷ୍ଟିଭଙ୍ଗୀ / ପନ୍ଥା

### ୫.୩.୧- ସ୍କୁଲର ଅର୍ଥ ଓ ଧାରଣା –

**ଶିକ୍ଷଣ କାର୍ଯ୍ୟ – ୩**

ନିକଟରେ ଥିବା ଏକ ସ୍କୁଲକୁ ଯାଅ । ସ୍କୁଲ ଭିତରେ ଥିବା ଭୌତିକ ଓ ମାନବ ସମ୍ବଳର ଏକ ତାଲିକା କର । ତମ ନିଜ ସ୍କୁଲରେ ଥିବା ସମ୍ବଳ ସହିତ ଏହାର ତୁଳନା କର ।

ବିଭାଗ ୫.୩.୨. ରେ ଆଲୋଚିତ ଆର.ଟି.ଇ. ଅଧିନିୟମ ୨୦୦୯ ଅନୁଯାୟି ରାଷ୍ଟ୍ର ୬ ରୁ ୧୪ ବର୍ଷ ବୟସର ସବୁ ପିଲାଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇଦେବା ବାଧ୍ୟତାମୂଳକ ଅଟେ । ଏହାର ଅର୍ଥ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିବା ପର୍ଯ୍ୟନ୍ତ ଏହା ପ୍ରଯୁଜ୍ୟ । ଏହି ଅଧିନିୟମ ଅନ୍ତର୍ଗତ ପଦକ୍ଷେପ ଗୁଡ଼ିକ ପ୍ରବେଶ, ସମାନତା ଓ ଗୁଣବତା ଇତ୍ୟାଦିର ପରାମର୍ଶ ଦିଏ । ପ୍ରୋତ୍ସାହନ ଜରିଆରେ ୟୁ.ଇ.ଇ. ଦୃଷ୍ଟିଭଙ୍ଗୀରୁ ଶିଶୁର ଅଧିକାର ପରି ଦୃଷ୍ଟିଭଙ୍ଗୀର ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଜଣେ ଲକ୍ଷ୍ୟ କରିପାରିବ । ଆମେ ବର୍ତ୍ତମାନ ସ୍କୁଲର ଧାରଣା ବିଷୟରେ ବର୍ଣ୍ଣନା କରିବା ।

ଦଳରେ ଶିକ୍ଷାଦାନ ଓ ଶିକ୍ଷଣ ପାଇଁ ସ୍କୁଲ ଏକ ନିର୍ଦ୍ଧାରିତ ସ୍ଥାନ । ଶିକ୍ଷକ, ସ୍କୁଲର କର୍ମଚାରୀ ଓ ଶିକ୍ଷାର୍ଥୀ ମାନେ ଏହି କାର୍ଯ୍ୟରେ ନିୟୋଜିତ ଥାନ୍ତି । ଶିକ୍ଷକଙ୍କ ତତ୍ୱାବଧାନରେ ପିଲାମାନେ ଶିଖନ୍ତି । ବିଭିନ୍ନ ବୟସର ପିଲାଙ୍କ ପାଇଁ ବିଭିନ୍ନ ଶ୍ରେଣୀର ସ୍କୁଲର ନାମ ଅଧିକାଂଶ ଦେଶରେ ସାଧାରଣତଃ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ହୋଇଥାଏ । ପୂର୍ବୋକ୍ତ ଶ୍ରେଣୀଟି ତରୁଣ ପିଲାଙ୍କ ପାଇଁ ଓ ପରବର୍ତ୍ତୀଟି କିଶୋର (ଟିନ୍ଏଜ୍ସ)ଙ୍କ ପାଇଁ ଉଦ୍ଦିଷ୍ଟ ।

ବିଦ୍ୟାଳୟ ଏକ ସ୍ଥାନ ଯେଉଁଠି ସରକାର (କେନ୍ଦ୍ରରାଜ୍ୟ), ବା ବିଶ୍ୱବିଦ୍ୟାଳୟ ବା ଏକ ପରିଷଦ (ବୋର୍ଡ)ଙ୍କ ଦ୍ୱାରା ପ୍ରସ୍ତାବିତ ପାଠ୍ୟଖସଡ଼ ଥାଏ । ଏହା ଅନ୍ୟ ରାଜ୍ୟ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟକୌଣସି ସଙ୍ଗଠନ ଜରିଆରେ ହୋଇପାରେ । ଶିକ୍ଷା ନିର୍ଦ୍ଦେଶାଳୟ ପୌରନିଗମ / କମିଟି କୁ ଏହି ସଙ୍ଗଠନ ଗୁଡିକ ମାନଦଣ୍ଡ ଦୃଷ୍ଟିରୁ ସନ୍ତୁଷ୍ଟ କରିବା ଆବଶ୍ୟକ ପଡେ । ଏହା ନିୟମିତ ଶ୍ରେଣୀ ପରିଚାଳନା କରେ ଓ ନିଜର ପ୍ରତିଯୋଗୀମାନଙ୍କୁ ସାର୍ବଜନୀନ ପରୀକ୍ଷାକୁ (ପବ୍ଲିକ ଏକ୍ଜାମିସନ) ପଠାଏ (ପାଜାଙ୍କର ଓ ପାଜାଙ୍କର ୨୦୧୦)



ଟିପ୍ପଣୀ

ସରଳ ଭାବରେ କହିଲେ ସ୍କୁଲ ଏକ ସ୍ଥାନ ଯାହା-

- ➢ ପର୍ଯ୍ୟାପ୍ତ ଶିକ୍ଷକଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥାଏ ।
- ➢ ଶିକ୍ଷଣରେ ନିୟୋଜିତ ଶିକ୍ଷାର୍ଥୀମାନେ ଥାଆନ୍ତି ।
- ➢ ପର୍ଯ୍ୟାପ୍ତ ସ୍ଥାନ ଥାଇ ଏକ ଗୃହ ଥାଏ ।
- ➢ ଶ୍ରେଣୀ ପ୍ରକୋଷ୍ଠ, ଆସବାବପତ୍ର, ଖେଳପଡ଼ିଆ, ଶୌଚାଳୟ, ପାନୀୟ ଜଳ ସୁବିଧା ଓ ଅନ୍ୟ ସମ୍ବଳ ଦ୍ୱାରା ଭରପୁର ଥାଏ ।
- ➢ ପିଲାର ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ପାଇଁ ଦାୟିତ୍ୱ ତୁଲାଇଥାଏ ।

**୫.୩.୨. ପ୍ରବେଶ, ସମ୍ମତା ଓ ଗୁଣବତା**

ଆର.ଟି.ଇ. ଅଧିନିୟମ ୨୦୦୯ ଅନୁଯାୟୀ ପ୍ରାଥମିକ ସ୍କୁଲ ଶିକ୍ଷାର୍ଥୀମାନେ ଯେଉଁ ସବୁ ସୁବିଧା ଓ ସମ୍ବଳର ହକଦାର ତାହା ତୁମେ ଏବେ ଜାଣିବା ଉଚିତ । ତୁମେ ଜାଣିଥିବା ମୁତାବକ ଏସ୍.ଏସ୍.ଏ. ର ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏକ ସମୟ ସୀମାରେ ଏଗୁଡିକ କାର୍ଯ୍ୟକାରୀ କରାଯାଇଛି । ଆର.ଟି.ଇ. ଅଧିନିୟମ ଏକ ସମଗ୍ର ସ୍କୁଲର କଳ୍ପନା କରେ ଯାହା ପ୍ରବେଶ, ସମ୍ମତା ଓ ଗୁଣବତାକୁ ଗୁରୁତ୍ୱ ଦିଏ । ଏହି ଧାରଣାଗୁଡିକ ପରସ୍ପର ସମ୍ବନ୍ଧିତ ଓ ନିର୍ଭରଶୀଳ । ଆମେ ଏଥିରେ ପ୍ରତ୍ୟେକ ଧାରଣାର ପୃଥକ୍ ଆଲୋଚନା କରିବା ଯାହାଫଳରେ ସେମାନଙ୍କ ଅଞ୍ଚଳ ପରିଷ୍କାର ହେବ । ଏହାଦ୍ୱାରା ଏଗୁଡିକ 'ସମଗ୍ର ସ୍କୁଲ' ଦୃଷ୍ଟିଭଙ୍ଗୀ ପାଇଁ କିପରି ଅବିଚ୍ଛେଦ୍ୟ ତାହା ତୁମେ ବୁଝିପାରିବ ।

**ପ୍ରବେଶ (ACCESS)**

ଆମେ ପ୍ରଥମେ ସ୍କୁଲକୁ ଭୌତିକ ପ୍ରବେଶର କଥା ବିଷୟରେ ଆଲୋଚନା କରିବା

**ଶିକ୍ଷଣ କାର୍ଯ୍ୟ – ୪**

ତଳେ ଦିଆଯାଇଥିବା ଉଦାହରଣଗୁଡିକ ପଢ଼ ଓ ଚିତ୍ରର ନିରୀକ୍ଷଣ କର ।

ଦୂର ବିଦ୍ୟାଳୟ ସମୂହ (PROBE, 1999)

ରାଜସ୍ଥାନର ସଓ୍ୱାର ମାଧରପୁରର ଦୁଦାପୁରା ଗାଁର ସ୍କୁଲ ଏକ ଅଲଗା ପାହାଡ ଉପରେ ଅଛି । ସାନ ପିଲାମାନେ ସେଠିକି ଯିବାରେ କଷ୍ଟ ଅନୁଭବ କରନ୍ତି । ବର୍ଷାଦିନେ ରାସ୍ତାଟି ଜଳମଗ୍ନ ହୁଏ ଓ ସପ୍ତାହ ବା ମାସବ୍ୟାପୀ ବନ୍ଦ ରହେ ।

ଉତ୍ତର ପ୍ରଦେଶ ସୁଲତାନପୁଲ ଜିଲ୍ଲା ଚକଚୋଦର ଗାଁରେ ସ୍କୁଲ ନାହିଁ । ପଡୋଶୀ ଜ୍ଞାନପୁର ଗାଁ ର ସ୍କୁଲକୁ ବଜାର ଦେଇ ଯିବାକୁ ହୁଏ । ଏହା ପିଲାଙ୍କ ପାଇଁ ଅସୁରକ୍ଷିତ ଓ ଏହାଦ୍ୱାରା ଦୂରତ୍ୱ ମଧ୍ୟ ବୃଦ୍ଧି ପାଏ ।

ମଧ୍ୟପ୍ରଦେଶ, ସିଦ୍ଧିର ଅତରଭାଗ ଗାଁର ସ୍କୁଲ ଅନେକ ଗାଁ ପାଇଁ ଉଦ୍ଦିଷ୍ଟ । ଅଧିକାଂଶ ବସତି ସ୍କୁଲଠାରୁ ୨/୩ କି.ମି ଦୂରରେ ଅଛନ୍ତି ।



ଆନ୍ଧ୍ର-ଓଡିଶା ସୀମାରେ କୋରାପୁଟ ନିକଟରେ ଥିବା ସ୍କୁଲକୁ ଝିଅମାନେ ଯାଉଛନ୍ତି । ଏହି ଶିକ୍ଷାର୍ଥୀ ମାନେ ୬ କି.ମି. ଚାଲି ସ୍କୁଲରେ ପହଞ୍ଚନ୍ତି । ସହରାଞ୍ଚଳ/ଅର୍ଦ୍ଧସହରାଞ୍ଚଳ / ଗ୍ରାମାଞ୍ଚଳ/ଆଦିବାସୀ ବହୁଳ ଅଞ୍ଚଳର ପିଲାମାନେ ଭୌତିକ ପ୍ରବେଶ ଦୃଷ୍ଟିରୁ ନାମଲେଖାଇଥିବା ସ୍କୁଲକୁ ଯିବାରେ କେଉଁ ସବୁ ଅସୁବିଧାର ସାମ୍ନାକରିପାରନ୍ତି ଆଲିଚନା କର ।

ଜଣେ ଶିକ୍ଷକ ରୂପେ ସହରାଞ୍ଚଳ/ଅର୍ଦ୍ଧସହରାଞ୍ଚଳ/ଗ୍ରାମାଞ୍ଚଳ/ଆଦିବାସୀ ଅଞ୍ଚଳ ସ୍କୁଲରେ କାମ କରୁଥିବାର ଅଭିଜ୍ଞତାର ଏପରି ଉଦାହରଣ ଦିଅ ।

ଦେଶର ଗ୍ରାମାଞ୍ଚଳ ଓ ଆଦିବାସି ଅଞ୍ଚଳର ଜନବସତିଠାରୁ ସ୍କୁଲର ଦୂରତ୍ୱ ଏକ ଗମ୍ଭୀର ସମସ୍ୟା । ପିଲାଙ୍କ ପ୍ରବେଶ ପାଇଁ ସ୍କୁଲ ଏକ ଯୁକ୍ତିଯୁକ୍ତ ଦୂରତାରେ ରହିବା ଦରକାର । ଏହାର ଅର୍ଥ ହେଲା ସ୍କୁଲ ଯଦି ବସତି ନିକଟରେ ନାହିଁ, ତାହେଲେ ଆନୁଷ୍ଠାନିକ ଭାବରେ ପିଲାମାନେ ନାମ ଲେଖାଇଥିଲେ ମଧ୍ୟ ସ୍କୁଲ ପାଠ ସମ୍ପୂର୍ଣ୍ଣ କରିପାରିବେ ନାହିଁ । RTE ଅଧିନିୟମରେ ବ୍ୟବସ୍ଥା ଅଛି ଯେ ପ୍ରାଥମିକ ସ୍କୁଲରେ ପିଲାଙ୍କ ପ୍ରବେଶ ପାଇଁ ସ୍କୁଲ ସେମାନଙ୍କ ଆଖପାଖରେ ରହିବା ଆବଶ୍ୟକ । RTE ଅଧିନିୟମ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଏହା ମଧ୍ୟ ବାଧ୍ୟତାମୂଳକ କରିଛି ଯେ ପିଲାଙ୍କ ଆଖପାଖ ବା ପଡୋଶୀ ସ୍ଥାନରେ ସ୍କୁଲ ସ୍ଥାପନାର ଏକ ସ୍ୱଷ୍ଟଚିତ୍ର ରଖିବେ । ଏହାର ଅର୍ଥ ହେଲା ସେମାନେ ସ୍କୁଲ ମାନଚିତ୍ର (School map ) ବସତିଙ୍କ ପାଇଁ ଉଦ୍ଦିଷ୍ଟ ହେଇପାରେ (ଆରେଭାନ୍, ସିଦ୍ଧି ଓ ମଧ୍ୟପ୍ରଦେଶର ଉଦାହରଣ ଦେଖ) । ଅନ୍ୟପକ୍ଷରେ ଗୋଟିଏ ପଡୋଶୀ ବସତି ଅନେକ ସ୍କୁଲ ସହ ସମ୍ପୃକ୍ତ ହୋଇପାରେ । ବିଦ୍ୟାଳୟ ମାନଚିତ୍ର କାର୍ଯ୍ୟକ୍ରମ ଶୂନ୍ୟତାକୁ ଚିହ୍ନଟ କରିବାରେ ଓ କେଉଁଠି ନୂଆ ସ୍କୁଲ ସ୍ଥାପନ ହେବ ତାହା ସୂଚୀତ କରିବାରେ ସହାଯ୍ୟ କରେ । ଶାରୀରିକ ପ୍ରବେଶ ପରି ସମାଜିକ ପ୍ରବେଶ ମଧ୍ୟ ଶିକ୍ଷାକୁ ସର୍ବଜନୀନ କରିବା ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ସଂସ୍କୃତି, ଭାଷା, ଜାତିଗତ ଓ ଭୌଗଳିକ ବ୍ୟାପ୍ତିର ବିବିଧତା ଶିକ୍ଷାରେ ପିଲାଙ୍କ ପ୍ରବେଶକୁ ଗଭୀର ଭାବରେ ପ୍ରଭାବିତ କରିଥାଏ । ଉଦାହରଣ ସ୍ୱରୂପ ଗୋଟିଏ ଗାଁରେ ଯଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହିଁ ବାଳିକାମାନେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିପାରିବେ ନାହିଁ । ପିତାମାତାମାନେ ଗାଁ ବାହାରକୁ ପଞ୍ଚମ ଶ୍ରେଣୀ ପରେ ଝିଅମାନଙ୍କୁ ପଠାଇବା ପାଇଁ କୁଣ୍ଠାବୋଧ କରନ୍ତି । ଜଣେ ଶିକ୍ଷକରୂପେ ତୁମେ ଏପରି ପାରମ୍ପରିକ ଓ ସାଂସ୍କୃତିକ ଦୃଷ୍ଟିଭଙ୍ଗୀ ପ୍ରତି ସଚେତନ ହେବା ଆବଶ୍ୟକ । ତୁମେ ଏପରି ସମାଜିକ ଓ ଭେଦଭାବପୂର୍ଣ୍ଣ ଧାରଣାରୁ କ୍ଷାନ୍ତ ହେବା ପାଇଁ ସେମାନଙ୍କୁ ପ୍ରେରିତ କରିବା ଆବଶ୍ୟକ । ପାଠ୍ୟକ୍ରମ ଓ ପାଠବହି ମଧ୍ୟ ପିଲାର ବହାର ଜୀବନ ଅଭିଜ୍ଞତା ସହ ଅଙ୍ଗାଙ୍ଗୀ ଭାବେ ସମ୍ବନ୍ଧିତ ହେବା ଦରକାର । ବିଦ୍ୟାଳୟ ଅଭିଜ୍ଞତାଗୁଡିକ ପିଲାକୁ ନିଜ ଭାଷା, ସମାଜ, ଜୀବନ ଧାରଣ ଶୈଳୀ ପାଇଁ ଗର୍ବ ଅନୁଭବ କରିବା ଅବସର ଦେବା ଦରକାର । ଏହାସହ ପିଲାଙ୍କୁ ଏକ ବୃହତ୍ତର ଦୁନିଆରୁ ଶିକ୍ଷା ଲାଭ କରିବା ସୁଯୋଗ ଦେବା ଆବଶ୍ୟକ ।

**ସମ୍ମତା** (Equality)

ଶିକ୍ଷଣ କାର୍ଯ୍ୟ – ୫

ତୁମ ଶ୍ରେଣୀର ନିମ୍ନଲିଖିତ ଦଳଭୁକ୍ତ ଛାତ୍ରମାନଙ୍କର ଏକ ତାଲିକ କର-

ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଶାରିରୀକ ଦୃଷ୍ଟିରୁ ବାଧିତ, ସଂଖ୍ୟାଲଘୁ (ମୁସଲମାନ) ବିସ୍ଥାପିତ ବା ଅନ୍ୟ କୌଣସି ଶ୍ରେଣୀର ପିଲା । ଶ୍ରେଣୀ ଉପସ୍ଥାନ ରେଜିଷ୍ଟରରୁ ସେମାନଙ୍କ ଗୋଟିଏ ମାସର ଉପସ୍ଥାନ ନିରୀକ୍ଷଣ କର । ସେମାନଙ୍କ ଉପସ୍ଥାନର ସ୍ଥିତି କିପରି ଅଛି ? ଅନ୍ୟ ବର୍ଗର ଶିକ୍ଷାର୍ଥୀଙ୍କ ଉପସ୍ଥାନ ସହ ଏହାର କିପରି ତୁଳନା କରିହେବ ? ବାଳିକା ଓ ବାଳକମାନଙ୍କ ଉପସ୍ଥାନରେ କିଛି ପାର୍ଥକ୍ୟ ଅଛି କି ? ପିଲାଙ୍କ ସହ ନିମ୍ନ ହାରର ଉପସ୍ଥାନର କାରଣଗୁଡିକ ଆଲୋଚନା କର । ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ତାଲିକା କର ।

ସାମାଜିକ ଶ୍ରେଣୀ ଓ ଲିଙ୍ଗଗତ ବ୍ୟବଧାନଗୁଡିକ ପୂରଣ କରି ନିରପେକ୍ଷ ଭାବରେ ସବୁ ପିଲାଙ୍କ ପାଖରେ ପହଞ୍ଚିବା SSA ର ଏକ ପ୍ରମୁଖ ଉଦ୍ଦେଶ୍ୟ ଅଟେ । RTE ରେ ଅଧିକାର ଓ ହକ ଆଧାରିତ ଦୃଷ୍ଟିଭଙ୍ଗୀ ଅଲଗା ରହିବ । (exclusion)

ଟିପ୍ପଣୀ

ସମସ୍ୟାକୁ ଏକ ସାମଗ୍ରୀକ ଦୃଷ୍ଟିରୁ ସମାଧାନ କରେ । ଯେଉଁ ପରିସ୍ଥିତି ପିଲାର ସ୍କୁଲରେ ଉପସ୍ଥାନ ଓ ଅଂଶଗ୍ରହଣକୁ ବାଧାଦିଏ ଜଣେ ଶିକ୍ଷକ ରୂପେ ତୁମେ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ ।

ଉଦାହରଣ ସ୍ୱରୂପ ସ୍କୁଲରେ ପ୍ରବେଶ ପୂର୍ବରୁ ହିଁ ଅଲଗା ରହିବା (exclusion) ଆରମ୍ଭ ହୋଇପାରେ । ପିତାମାତା ବାଟରେ ହଇରାଣ ହେବା ବା ଶ୍ରେଣୀରେ ଗାଳି ଖାଇବା ଆଶଙ୍କାରେ ପିଲାଙ୍କୁ (ବିଶେଷ କରି ଝିଅ) ନିରୁତ୍ସାହିତ କରିପାରନ୍ତି । ଲିଙ୍ଗଗତ ତାରତମ୍ୟ ସମସ୍ତ ବଞ୍ଚିତ ଓ ଅସୁବିଧାରେ ଥିବା ପିଲାଙ୍କ କ୍ଷେତ୍ରରେ ଥାଏ । UEE ପାଇଁ SSA ର କୈନ୍ଦ୍ରିକ ପ୍ରଚେଷ୍ଟା ଝିଅପିଲାଙ୍କ ପାଖରେ ପହଞ୍ଚିବା । SSA କାର୍ଯ୍ୟକ୍ରମର NPEGEL (National Programme for Education of Girls at Elementary Level ) (କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ) ଓ ମହିଳା ସାମୁଖ୍ୟ ସହ ତମେ ପରିଚିତ । ଯଦିଓ ମହତ୍ତ୍ୱପୂର୍ଣ୍ଣ ଭାବେ ବାଳିକାଙ୍କ ନାମ ଲେଖାରେ ବୃଦ୍ଧି ଘଟିଛି ତଥାପି ବଂଚିତ ଗୋଷ୍ଠୀର ଝିଅମାନେ ବିଦ୍ୟାଳୟ ବାହାର ପିଲାମାନଙ୍କର ଏକ ବୃହତ୍ତ ଭାଗ ଅଟନ୍ତି । ତେଣୁ ପ୍ରବେଶ ମଧ୍ୟ ସମ୍ମତାର ଏକ ସମ୍ବନ୍ଧିତ ବିଷୟ ଅଟେ, ଏବଂ ଏକ ମୁଖ୍ୟ ଆହ୍ୱାନ ଅଟେ ଯାହାର ସମାଧାନ ଆବଶ୍ୟକ । ସମ୍ମତା ପାଇଁ ହୋଇଥିବା ପ୍ରଚେଷ୍ଟାଗୁଡିକ ଗୁଣବତ୍ତାକୁ ମଧ୍ୟ ପ୍ରଭାବିତ କରେ ଓ ଉଭୟ ଅଙ୍ଗାଙ୍ଗୀ ଭାବରେ ସମ୍ବନ୍ଧିତ । RTE ଅଧିନିୟମ ଅନୁସାରେ ସମ୍ମତା ହାସଲ ପାଇଁ ଦିଆଯାଉଥିବାର ଗୁଣାତ୍ମକମାନର ବୃଦ୍ଧି ହେବା ଦରକାର । ଏହାର ଅର୍ଥ ହେଲା ଗୁଣାତ୍ମକ ମାନର ବିଭିନ୍ନ ଦିଗ - ପାଠ୍ୟକ୍ରମ, ପାଠବହି, ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ, ଶ୍ରେଣୀ ପ୍ରକୋଷ୍ଠର ସ୍ଥାନ ବ୍ୟବହାର, ଭୌତିକ ସୁବିଧା ଓ ଶିକ୍ଷକ ତାଲିମ ଉପରେ ଗୁରୁତ୍ୱ ଦେବା ।

କିଛି ସହାୟକ ପଦକ୍ଷେପ ଯାହା ଉପରେ ଦୃଷ୍ଟି ଦିଆଯିବା ଦରକାର –

- ପରିବହନ ସୁବିଧା
- ପିଲାଙ୍କୁ ସ୍କୁଲକୁ ସାଥିରେ ନେବା
- ଉପଯୁକ୍ତ ଉପଦେଶ ଦେବା
- ଘର ଦାୟିତ୍ୱ ଓ ସ୍କୁଲ ମଧ୍ୟରେ ଭାରସାମ୍ୟ ରକ୍ଷାରେ ସେମାନଙ୍କୁ ସାହାଯ୍ୟ କରିବା
- ସେମାନଙ୍କ ସମସ୍ୟାର ସ୍ୱରୂପ ଅନୁଯାୟୀ ଶୈକ୍ଷିକ ସହାୟତା ପ୍ରଦାନ
- ପିତାମାତା/ ଗୋଷ୍ଠୀ ସହାୟତା

ଜଣେ ଶିକ୍ଷକ ରୂପେ ତୁମେ ପିଲାଙ୍କ ସହ କୌଣସି ପ୍ରକାର ଅଲଗା କରିବା ଅଭ୍ୟାସ ବା ଭେଦଭାବ ରଖିବା ଉଚିତ୍ ନୁହେଁ ।

ଅନ୍ୟ କେତେକ ଅଭ୍ୟାସ ଯାହା ପିଲାଙ୍କୁ ଅନ୍ତର୍ନିବେଶ କରିବାରେ ବାଧା ସୃଷ୍ଟି କରେ, ସେଗୁଡିକ ହେଲା –

- ବସିବା ବ୍ୟବସ୍ଥା । ଅନୁସୂଚିତ ଜାତି ପିଲାଙ୍କୁ ପଛବେଞ୍ଚରେ ବସାଇବା
- ବିଦ୍ୟାଳୟର ପର୍ବ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସେମାନଙ୍କୁ ଅନୁମତି ନ ଦେବା
- ସେମାନଙ୍କ ସହିତ କଥା ନ ହେବା, ସେମାନଙ୍କ ଗୃହକାର୍ଯ୍ୟ ଓ ଶ୍ରେଣୀ କାର୍ଯ୍ୟର ଯାଞ୍ଚ ନ କରିବା
- ସ୍କୁଲର ସୁବିଧା ଯଥା ପାଣିର ସୁବିଧା (ଟେପ୍, କୁଲର ଇତ୍ୟାଦି) ବ୍ୟବହାର ପାଇଁ ସେମାନଙ୍କୁ ମନା କରିବା, ବିଦ୍ୟାଳୟ କ୍ୟାଣ୍ଟିନ୍‌ରେ ଖାଇବାରୁ ସେମାନଙ୍କୁ ବିରତ କରିବା ।
- ସେମାନଙ୍କୁ ବିଦ୍ୟାଳୟ ହତା ଓ ଶୌଚାଳୟ ଇତ୍ୟାଦି ସଫା କରିବା ପାଇଁ କହିବା ।

ଏପରି କୌଣସି ଭେଦଭାବ ପୂର୍ଣ୍ଣ କାର୍ଯ୍ୟ ହେଉଥିଲେ ତୁମେ ତାକୁ ନିରୁତ୍ସାହିତ କରିବ ଓ ପିଲାଙ୍କୁ ଅର୍ନ୍ତଭୁକ୍ତ କରିବା

ନିମିତ୍ତ ପଦକ୍ଷେପ ନେଇ ତାର ସମାଧାନ କରିବ । ଏହି ବାଟରେ ସାମାଜିକ ଶ୍ରେଣୀ ମଧ୍ୟରେ ଥିବା ଶୂନ୍ୟତାକୁ ପୂରଣ କରିବ । ଆଦିବାସୀ ଅଞ୍ଚଳର ପିଲା ନିଜ ପୃଷ୍ଠଭୂମିକୁ ନେଇ ସମସ୍ୟାରେ ପଡିପାରନ୍ତି । ଆଦିବାସୀ ମାନେ ଅଗମ୍ୟ, ପାହାଡିଆ ଓ ଜଙ୍ଗଲ ଅଞ୍ଚଳରେ ବାସ କରନ୍ତି । ଆଦିବାସୀ ପିଲାଙ୍କୁ ଆନ୍ତର୍ଭୁକ୍ତ କରିବାରେ ଶିକ୍ଷାଦାନର ଭାଷା ଏକ ମୁଖ୍ୟ ପ୍ରତିବନ୍ଧକ ହୋଇଥାଏ ।

ନିଜ ଅଗ୍ରଗତି ଆକଳନ – ୩

ପ୍ରଶ୍ନର ଉତ୍ତର ଦିଅ । ଉତ୍ତର ଲେଖିବା ପାଇଁ ଖାଲି ଯାଗା ଦିଆଯାଇଛି-

୧. ସ୍କୁଲରେ ଆଦିବାସୀ ପିଲାଙ୍କୁ ଅର୍ନ୍ତଭୁକ୍ତ କରିବାରେ ଭାଷା ସମସ୍ୟା ସମାଧାନ ପାଇଁ କେତେକ ଉପାୟ ଦର୍ଶାଅ ।

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

ସେହିପରି ଅନ୍ୟ ଶ୍ରେଣୀର ପିଲା ଯେପରି ମୁସଲମାନ ଶ୍ରମିକ, ସହରାଞ୍ଚଳର ବଞ୍ଚିତ, ସଙ୍ଘର୍ଷପୂର୍ଣ୍ଣ ହସ୍ତାନ୍ତର ହୋଇଥିବା କଷ୍ଟାପ୍ରିତମାନେ । RTE ଅଧିନିୟମ ଏପରି ପିଲାଙ୍କୁ ସ୍କୁଲ ଆଣିବା ବାଧ୍ୟତାମୂଳକ କରିଛି । ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନେ ସମ୍ମତା ଦୃଷ୍ଟିରୁ ଏକ ବୃହତ ଅଂଶ ଅଟନ୍ତି । ଏମାନଙ୍କ ପାଇଁ RTE ଅନୁସାରେ ଗୁଣାତ୍ମକ ଅନ୍ତର୍ନିବେଶୀ, ଶିକ୍ଷାର ବ୍ୟବସ୍ଥା ହେବା ଆବଶ୍ୟକ ।

**ଗୁଣାତ୍ମକତା**

**ଶିକ୍ଷଣ କାର୍ଯ୍ୟ – ୬**

ତୁମେ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ସମୟକୁ ମନେ ପକାଅ । ନିମ୍ନୋକ୍ତ ଆଧାରରେ ସେଇ ଶ୍ରେଣୀର କେତେକ ଲକ୍ଷଣର ତାଲିକା କର-

- କୋଠରୀ ଭିତର ସ୍ଥାନର ବ୍ୟବହାର
- ଭୌତିକ ସୁବିଧା – ଚୌକି, ଟେବୁଲ, ଆଲମାରି/ର୍ୟାକ୍ ଓ ସେମାନଙ୍କ ସଜ୍ଜା, କଳାପଟା, ବୁଲେଟିନ୍ ବୋର୍ଡ ଓ ଅନ୍ୟାନ୍ୟ ।
- ଶିକ୍ଷାଦାନ-ଶିକ୍ଷଣ ସମୟରେ ପିଲାମାନଙ୍କ କାର୍ଯ୍ୟ
- ଶିକ୍ଷାର୍ଥୀଙ୍କ ସହ ତୁମର ପାରସ୍ପରିକ କ୍ରିୟା ଓ ସେମାନଙ୍କ ଅଂଶଗ୍ରହଣ
- ତୁମ କଳ୍ପନାର ଶ୍ରେଣୀ ସହ ଏହାର ତୁଳନା କିପରି ହୋଇଥାଏ ?

ଏହି ଶିକ୍ଷଣ କାର୍ଯ୍ୟରୁ ତୁମେ ପ୍ରବେଶ, ସମ୍ମତା ଓ ଗୁଣାତ୍ମକତା ମଧ୍ୟରେ ଥିବା ନିବିଡ ସମ୍ବନ୍ଧରେ ପହଞ୍ଚିବ । ତମେ ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ନିମ୍ନ ଗୁଣାତ୍ମକତା ସମ୍ମତାକୁ ପ୍ରଭାବିତ କରେ ଓ ନିମ୍ନ ସମ୍ମତା ନିମ୍ନ ଗୁଣବତ୍ତାକୁ ଦୃଢ଼ କରେ । ତେଣୁ RTE କୁ କାର୍ଯ୍ୟକାରୀ କରିବା ପାଇଁ ଗୁଣବତ୍ତାକୁ ଗୁରୁତ୍ୱ ଦେବାକୁ ପଡିବ ଯାହା ପରସ୍ପରକୁ ଦୃଢ଼ କରୁଥିବା ଦିଗ ଯେମିତିକି ପାଠ୍ୟକ୍ରମ,

ପାଠବହି, ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ, ଭୌତିକ ସୁବିଧାସୁଯୋଗ, ସ୍ଥାନର ବ୍ୟବହାର, ଆକଳନ ଓ ଶିକ୍ଷକ ପ୍ରଶିକ୍ଷଣକୁ ସାମଗ୍ରୀକ ରୂପେ ଦେଖିବା ପାଇଁ ଗୁରୁତ୍ୱ ଦିଏ ।

ଟିପ୍ପଣୀ

RTE ଅଧିନିୟମ ବିଶେଷ କରି ୮ଟି ଉପାଦାନ ବିଷୟରେ କହେ, ଯାହାକୁ ପାଠ୍ୟକ୍ରମ ପ୍ରସ୍ତୁତି ଓ ମୂଲ୍ୟାୟନ ପ୍ରକ୍ରିୟା ନିର୍ଦ୍ଧାରଣ ବେଳେ ବିଚାର କରାଯିବା ଆବଶ୍ୟକ । ଏହି ୮ଟି ଉପାଦାନ ଶିଶୁକୈନ୍ଦ୍ରିକ ବିଚାର ଉପରେ ପର୍ଯ୍ୟବେସିତ, ଯାହା NPE 1986192 ଓ NFC ୨୦୦୫ର ଆଧାର ମଧ ଅଟେ ।

ତୁମେ ଏହି ୮ଟି ଉପାଦାନ ବିଷୟରେ ସଚେତନ ହେବା ଦରକାର ଯାହା ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପ୍ରବର୍ତ୍ତନ ପାଇଁ କୈନ୍ଦ୍ରିକ ଆଧାର ଅଟେ ।

ଏଗୁଡିକ ତଳେ ଦିଆଯାଇଛି-

- ସାମ୍ବିଧାନିକ ମୂଲ୍ୟବୋଧ ସହମେଳ ଖାଇବା
- ଶିଶୁର ସର୍ବାଙ୍ଗୀନ ବିକାଶ
- ଶିଶୁର ଜ୍ଞାନ, ସାମର୍ଥ୍ୟ ଓ ପ୍ରତିଭାର ନିର୍ମାଣ
- ଶାରିରୀକ ଓ ମାନସିକ ଦକ୍ଷତା ଗୁଡିକର ପୂର୍ଣ୍ଣବିକାଶ
- ଶିଶୁ ପାଇଁ ବନ୍ଧୁତ୍ୱ ପୂର୍ଣ୍ଣ ଓ ଶିଶୁକୈନ୍ଦ୍ରିକ ଉପାୟରେ ଶିକ୍ଷଣ କାର୍ଯ୍ୟ,
- ଆବିଷ୍କାର ଓ ଖୋଜିବା ଜରିଆରେ ଶିକ୍ଷଣ
- ଯେତେଦୂର ସମ୍ଭବ ଶିଶୁର ମାତୃଭାଷାରେ ଶିକ୍ଷାଦାନ ଶିକ୍ଷଣ
- ଶିଶୁକୁ ଭୟ, ମାନସିକ ଆଘାତ ଉଦ୍‌ବେଗରୁ ମୁକ୍ତରଖିବା ଓ ଶିଶୁ ସ୍ୱଛନ୍ଦରେ ନିଜ ମତାମତ ଦେଇପାରିବା
- ଶିଶୁର ଜ୍ଞାନର ନିରନ୍ତର ସଂବ୍ୟାପକ ମୂଲ୍ୟାୟନ ଓ ଏହାକୁ ପ୍ରୟୋଗ କରିବା ଦକ୍ଷତା ।

ଉପର ଆଲୋଚନାରୁ ଆମେ ଏଇ ସିଦ୍ଧାନ୍ତରେ ପହଁଚିଲୁ ଯେ କେବଳ ଏକ ସ୍କୁଲ ଉପଲବ୍ଧତା ସମ୍ମତା ଆଧାରିତ ଶିକ୍ଷାରେ ପ୍ରବେଶର ସମ୍ମତାକୁ ବୁଝାଏ ନାହିଁ । ପ୍ରବେଶର ଅର୍ଥ ହେଲା ଶିକ୍ଷା ପ୍ରକ୍ରିୟାରେ ଶିଶୁର ମୁକ୍ତ, ଆନନ୍ଦପ୍ରଦ ଓ ସଂପୂର୍ଣ୍ଣ ଅଂଶଗ୍ରହଣ । ଗୁଣବତ୍ତା ସହ ପ୍ରବେଶରେ ସମ୍ମତା ସାର୍ବଜନୀନ ପ୍ରବେଶକୁ ଧାରଣ କରିରଖେ । ଆର୍.ଟି.ଇ ଅଧିନିୟମ ୨୦୦୯ରେ କେତେକ ଦିଗ ଅଛି ଯାହା ପ୍ରବେଶରେ ସମ୍ମତା ଓ ଗୁଣାତ୍ମକମାନର ପ୍ରାରମ୍ଭିକ ଶିକ୍ଷାକୁ ସୂଚାଏ । ଏସବୁ ବିଦ୍ୟାଳୟର ସମ୍ବଳ ଉପରେ ଗୁରୁତ୍ୱ ଦେଇଥାନ୍ତି । ପରବର୍ତ୍ତୀ ବିଭାଗରେ ତମେ ଏହା ପଢ଼ିବ ।

**୫.୩.୩ . ବିଦ୍ୟାଳୟ ସମ୍ବନ୍ଧ ସମୂହ – ଭୌତିକ ସୁବିଧା ବଳୀ-**

**ଶିକ୍ଷଣ କାର୍ଯ୍ୟ – ୭**

ତୁମ ବିଦ୍ୟାଳୟ ନଥିପତ୍ରରୁ ନିମ୍ନବିଷୟ ଗୁଡିକ ଖୋଜି ବାହାର କର ଓ ଏକ ବିବରଣୀ ପ୍ରସ୍ତୁତି କର ।

୧. ସ୍କୁଲର ମୋଟ ନାମଲେଖା ସ୍ଥିତି ।

୨. ନିଯୁକ୍ତ ଶିକ୍ଷକଙ୍କ ସଂଖ୍ୟା ।

୩. ସ୍କୁଲରେ ଛାତ୍ର – ଶିକ୍ଷକ ଅନୁପାତ ନିର୍ଣ୍ଣୟ କର

୪. ସ୍ଥାୟି, ଚୁକ୍ତିଭିତିକ, ପାରା ଶିକ୍ଷକଙ୍କ ସଂଖ୍ୟା ବା ଅନ୍ୟ କର୍ମଚାରୀ ଯେ ସ୍କୁଲରେ ଶିକ୍ଷାଦାନ ପାଇଁ ନିଯୁକ୍ତ ହୋଇଛନ୍ତି ।

୫. ତୁମ ସ୍କୁଲରେ କେତୋଟି ଶ୍ରେଣୀ ପ୍ରକୋଷ୍ଠ ଓ ଖେଳପଡ଼ିଆ ଅଛି ।

ଟିପ୍ପଣୀ

୬. ତୁମ ସ୍କୁଲରେ ନିମ୍ନ ସୁବିଧା ଗୁଡିକ ଅଛି କି ?

- ନିରାପଦ ପାନୀୟ ଜଳ
- ଶୌଚାଳୟ - ଝିଅଙ୍କ ଓ ପୁଅଙ୍କ ପାଇଁ ଅଲଗା
- ପିଲାଙ୍କ ଯାନ ( ସାଇକଲ) ରଖିବା ପାଇଁ ସ୍ଥାନ
- ସ୍କୁଲ ଚତୁପାର୍ଶ୍ୱରେ ପାଚେରି ବା ବାଡ଼
- ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ବସିବା ବ୍ୟବସ୍ଥା ଓ ର୍ୟାମ୍ପସ୍

ଉପର ଶିକ୍ଷଣ କାର୍ଯ୍ୟରୁ ତୁମ ସ୍କୁଲର ଭୌତିକ ସୁବିଧା ସୁଯୋଗର ସ୍ଥିତି ସମ୍ବନ୍ଧରେ ଏକ ଧାରଣା ପାଇବ । ତୁମେ ରାଜି ହେବ ଯେ ଅନେକ ସରକାରୀ ସ୍କୁଲର ଭୌତିକ ସୁବିଧା ସୁଯୋଗ ଏପର୍ଯ୍ୟନ୍ତ ପର୍ଯାପ୍ତ ହୋଇନାହିଁ ।

### ୫.୩.୩.୧. ପିଲାଙ୍କ ବସିବା ସ୍ଥାନ ଓ ନିରାପତାର ସୁବିଧା

ଆର୍.ଟି.ଇ. ଅଧିନିୟମ ୨୦୦୯ ମୁତାବକ ସ୍କୁଲର ଗୁଣାତ୍ମକ ଭିତ୍ତିଭୂମି ବିଦ୍ୟାଳୟ ପ୍ରବେଶର ଏକ ମୁଖ୍ୟ ନିର୍ଦ୍ଧାରକ ଅଟେ । ଅଧିନିୟମ ବିଦ୍ୟାଳୟର ଏକ ଆକର୍ଷକ ପ୍ରେରଣାଦାୟକ ଓ ସୁସ୍ଥ ପରିବେଶ କଳ୍ପନା କରିଥାଏ ଯାହା ଫଳରେ ଏହା ପିଲାଙ୍କୁ ଆକର୍ଷଣ, ନାମ ଲେଖା ଓ ସ୍କୁଲରେ ସେମାନଙ୍କୁ ଧରିରଖି ପାରିବ ।

ଏଥିପାଇଁ ଆର୍.ଟି.ଇ. ଅଧିନିୟମ କେତେକ ନୀତି ଓ ମାନଦଣ୍ଡ ବିଦ୍ୟାଳୟ ଭିତ୍ତିଭୂମିର ସମସ୍ତ ଦିଗ ପାଇଁ ନିର୍ଦ୍ଧାରଣ କରିଛି । ସେଗୁଡିକ ହେଲା – ସ୍କୁଲ ଗୁଡ଼ିକର ନିର୍ଦ୍ଦିଷ୍ଟ ଲକ୍ଷଣ ଯୁକ୍ତ ମିଶ୍ରିତ ଘର ରହିବ । ଏଥିରେ ଆବଶ୍ୟକ ସଂଖ୍ୟକ ପ୍ରକୋଷ୍ଠ, ଶୌଚାଳୟ ଓ ପାନୀୟ ଜଳର ସୁବିଧା ରହିବ । ଏହାସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ରୋଷେଇଶାଳ, ପାଚେରି , ଖେଳପଡିଆ, ଖେଳକୁଦ ସରଞ୍ଜାମ, ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ, ଗ୍ରନ୍ଥାଗାର ଓ ପରୀକ୍ଷାଗାର ମଧ ରହିବ ।

ପ୍ରତିବନ୍ଧକ ମୁକ୍ତ ପ୍ରବେଶ – ଏହାର ଅର୍ଥ ହେଲା ବିଦ୍ୟାଳୟ ଘର ଏପରି ହେବ ଯେପରି ଭିନ୍ନକ୍ଷମଙ୍କ ସମେତ ସବୁପିଲା ସ୍କୁଲରେ ମୁକ୍ତଭାବରେ ବୁଲିପାରିବେ ଓ ସମସ୍ତ ସୁବିଧା ଯେପରି ସ୍କୁଲର ଦ୍ୱାର, ଶ୍ରେଣୀ କୋଠରୀ , ଖେଳ ପଡିଆ, ଶୌଚାଳୟ , ଗ୍ରନ୍ଥାଗାର ଓ ପରୀକ୍ଷାଗାର ବ୍ୟବହାର କରିପାରିବେ । ଯଦି ବର୍ତ୍ତମାନ ସ୍ଥିତି ସ୍କୁଲ ଘରେ ଏସବୁ ନାହିଁ ଆର୍.ଟି.ଇ. ଅଧିନିୟମରେ ଏସବୁର ପରିବର୍ତ୍ତନର ବ୍ୟବସ୍ଥା ଅଛି । ସ୍କୁଲରେ ନିରାପତ୍ତା ବ୍ୟବସ୍ଥା ଗୁଡିକ ରହିବା ଆବଶ୍ୟକ ଓ ଏହା ବିପଦଠାରୁ ପିଲାଙ୍କୁ ସୁରକ୍ଷା ଦେଉଥିବା ଦରକାର । ଏଇ ବିପଦ ଗୁଡ଼ିକ ପ୍ରାକୃତିକ ଯେପରି ଭୂମିକମ୍ପ, ବନ୍ୟା ବା ମନୁଷ୍ୟ କୃତ ଯେପରି ନିଆଁ ଲାଗିବ ବା ନିର୍ମାଣ ସମ୍ବନ୍ଧୀୟ ହୋଇପାରେ । ବିଦ୍ୟାଳୟ ଢ଼ାଞ୍ଚାରେ ନିରାପତ୍ତା ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବା ଉଚିତ ।

### ୫.୩.୩.୨. ମଧ୍ୟାହ୍ନ ଭୋଜନ ପାଇଁ ସୁବିଧା

ତୁମେ ଅବଗତ ଥିବ ଯେ ମଧ୍ୟାହ୍ନ ଭୋଜନ ଯୋଜନା ପୃଥିବୀର ଏକ ବୃହତ୍ତମ ବିଦ୍ୟାଳୟ ପୁଷ୍ଟି ସାଧକ କାର୍ଯ୍ୟକ୍ରମ । ଯାହା ସାରା ଦେଶରେ ପ୍ରାୟ ୧୨ କୋଟି ପିଲା ଓ ୧୨.୬୫ ଲକ୍ଷ ବିଦ୍ୟାଳୟ ଓ ଇଜିଏସ୍ କେନ୍ଦ୍ରକୁ ବ୍ୟାପିଛି । ଏହି ଯୋଜନା ତୁମ ବିଦ୍ୟାଳୟରେ ମଧ କାର୍ଯ୍ୟକାରୀ ହେଉଥିବ ।

**ଶିକ୍ଷଣ କାର୍ଯ୍ୟ – ୮**

- ବିଦ୍ୟାଳୟ ନଥିପତ୍ରରୁ ତୁମ ସ୍କୁଲରେ ନାମ ଲେଖା ଓ ଉପସ୍ଥାନ ଉପରେ ଏମ୍.ଡି.ଏମ୍. ପ୍ରଭାବ ଖୋଜି ବାହାରକର ।
- ତୁମ ସ୍କୁଲରେ ସାମାଜିକ ବୈଷମ୍ୟଜନୀତ ଶୂନ୍ୟତାକୁ ପୂରଣ କରିବା ପାଇଁ ଏମ୍.ଡି.ଏମ୍. ଜରିଆରେ କିଛି ପଦକ୍ଷେପର ପରାମର୍ଶ ଦିଅ ।

ଟିପ୍ପଣୀ

ଦେଶରେ ଏମ୍.ଡି.ଏମ୍. କାର୍ଯ୍ୟକ୍ରମର ଆରମ୍ଭ ଓ ପ୍ରଗତି ସମ୍ବନ୍ଧରେ ଜାଣିବା ମଜାଦାର ଓ ପ୍ରାସଙ୍ଗିକ ହେବ । ୧୯୨୪ରେ ମାଡ୍ରାସରେ ବଞ୍ଚିତ ପିଲାଙ୍କ ପାଇଁ ମ୍ୟୁନସିପାଲ କର୍ପୋରେସନ ଏହା ଆରମ୍ଭ କରିଥିଲା । ଏହି କାର୍ଯ୍ୟକ୍ରମ ଲୋକପ୍ରିୟ ହେଲା ଓ ୧୯୯୦ – ୯୧ ରେ ଏହି କାର୍ଯ୍ୟକ୍ରମ ୧୨ଟି ରାଜ୍ୟରେ କାର୍ଯ୍ୟକାରୀ ହେଲା । ୧୯୯୫ରେ ଏହାଏକ କେନ୍ଦ୍ର ପାୟୋଜିତ କାର୍ଯ୍ୟକ୍ରମ ହେଲା ଓ ଦେଶର ୨୪୦୮ ଟି ବ୍ଲକରେ କାର୍ଯ୍ୟକାରୀ ହେଲା ।

ସେହିନଠାରୁ ଏହି କାର୍ଯ୍ୟକ୍ରମର ସଂଶୋଧନ ହେଲା ଏବଂ ସ୍କୁଲରେ ପିଲାଙ୍କ ପାଇଁ ସୁଷମ ଓ ଖାଦ୍ୟାସାର ଭିତିକ ଖାଦ୍ୟ ନିଶ୍ଚିତ କରାଗଲା । ୨୦୧୦ – ୨୦୧୧ରେ ସମଗ୍ରଦେଶରେ ୧୨.୩୬ ଲକ୍ଷ ଅନୁଷ୍ଠାନରେ ଏହା ଲାଗୁହୋଇ ପ୍ରାଥମିକ ସ୍ତରରେ ୧୧.୩୬ କୋଟି ଶିଶୁଙ୍କୁ ଏହା ବ୍ୟାପ୍ତ ହେଲା ।

ବିଦ୍ୟାଳୟ ଭୋଜନ କାର୍ଯ୍ୟକ୍ରମ ନାମଲେଖାକୁ ଉତ୍ସାହିତ କରେ ଓ ଉପସ୍ଥାନ ବଢାଇବା ପାଇଁ ମଧ୍ୟ ଏହା ଫଳପ୍ରଦ ଅଟେ । ଏହା କେବଳ ଶିଶୁ (ଯେଉଁମାନେ ଖାଆନ୍ତି)ଙ୍କ ପାଇଁ ଏକ ପ୍ରୋତ୍ସାହନ ଥିଲା ତାଙ୍କ ସହ ପିତାମାତାଙ୍କ ପାଇଁ ମଧ୍ୟ ଏକ ରିହାତି ଥିଲା । ଯେଉଁ ପିଲାମାନେ ସ୍କୁଲରେ ଯୋଗଦେବା ପାଇଁ କୁଣ୍ଠିତ ହେଉଥିଲେ ସେମାନଙ୍କ ପାଇଁ ଏମ୍.ଡି.ଏମ୍. କାର୍ଯ୍ୟକ୍ରମ ଏକ ଆକର୍ଷଣ ହେଲା । ଏମ୍.ଡି.ଏମ୍. କାର୍ଯ୍ୟକ୍ରମର ଆଉ ଏକ ଦିଗ ହେଲା ଏହାର ପୋଷଣ ପ୍ରଭାବ ଏକ ଉଚ୍ଚମାନର ପୋଷଣତତ୍ୱ ଥିବା ଭୋଜନ ଖର୍ଚ୍ଚ ଓ ବ୍ୟବସ୍ଥା ଉପରେ ମଧ ପ୍ରଭାବ ପକାଇଲା । ସେ ଯାହେଉ ଏକ ସାଧାରଣ ଭୋଜନ ମଧ ପୋଷଣତ୍ତ୍ୱରେ ଭରପୁର ହୋଇପାରେ ଓ କେଲୋରି ଅଭାବକୁ ପୂରଣ କରିପାରେ ଯାହା କେତେକ ଅଞ୍ଚଳରେ ତୀବ୍ର ଅଟେ । ଏମ୍. ଡି.ଏମ୍.ର ଆଉ ଏକ ଦିଗ ହେଲା ସାମାଜିକକରଣ । ଏକାଠି ବସି ଖାଇବା ସାମାଜିକ ପ୍ରତିବନ୍ଧକ ଜନିତ ଶୂନ୍ୟତାକୁ ମଧ୍ୟ ପୂରଣ କରେ ।

**୫.୩.୩.୩ ପାନୀୟଜଳ, ଶୌଚାଳୟ, ଖେଳପଡିଆ ଓ ଦୌଡକୁଦର ସୁବିଧା-**

**ଶିକ୍ଷଣ କାର୍ଯ୍ୟ – ୯**

**୫.୩.୩** ବିଭାଗରେ ତୁମେ ତୁମ ବିଦ୍ୟାଳୟରେ ନିରାପଦ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥାର ଏକ ଶିକ୍ଷଣ କାଯ୍ୟ ହାତକୁ ନେଉଥିଲ । ଏହା ସେପରିକି ନୁହେଁ ଲେଖ

- ଶୌଚାଳୟ ଗୁଡିକ ବ୍ୟବହାର ଉପଯୋଗୀ ଅବସ୍ଥାରେ ଅଛନ୍ତି ।
- ଶୋଚାଳୟ କୋଠରୀରେ ତାଲା ବ୍ୟବସ୍ଥା ଅଛି କି ?
- ଯଦି ସାଧାରଣ ଶୌଚାଳୟ ଅଛି ତେବେ କେଉଁ ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା ଝିଅ ଓ ପୁଅଙ୍କ ପାଇଁ ଅଛି ?
- ଶିକ୍ଷକମାନଙ୍କ ପାଇଁ ଏହି ଶୌଚାଳୟଗୁଡିକ ସଂରକ୍ଷିତ ରହିଛି କି ? ଯଦି ହଁ, ତେବେ ପିଲାମାନେ କେଉଁଠାରେ ଶୌଚାଳୟ ଯାଆନ୍ତି ?
- ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ଅଛି କି ?
- ଉପଲବ୍ଧ ଜଳ ପିଇବା ଉପଯୋଗୀ କି ? ସ୍ୱାସ୍ଥ୍ୟପ୍ରଦ ରୂପେ ଏହାର ଯୋଗାଣ ହେଉଛି କି ?

ଆର.ଟି.ଇ. ଅଧିନିୟମ ୨୦୦୯ ସ୍କୁଲରେ ବିଶେଷ ରୂପେ ପାନୀୟ ଜଳ ଓ ସ୍ୱାସ୍ଥ୍ୟପ୍ରଦ ବ୍ୟବସ୍ଥା ରହିବା ନିଶ୍ଚିତ କରିଛି । ଆର.ଟି.ଇ. ଅଧିନିୟମ ୨୦୦୯ ଅନୁଯାୟୀ ତୁମ ସ୍କୁଲରେ ଏସବୁ ସୁବିଧା ଅଛିକି ନାହିଁ ଶିକ୍ଷକ ରୂପେ ତୁମେ ଜାଣିବାଉଚିତ୍ । ଏସ୍.ଏସ୍.ଏ ପରିସର ବାହାରେ ଥିବା ଗ୍ରାମାଞ୍ଚଳର ସ୍କୁଲଗୁଡିକ ପାଇଁ ଗ୍ରାମାଞ୍ଚଳର ବିକାଶ ମନ୍ତ୍ରାଳୟ ଅଧିନସ୍ଥ ପାନୀୟଜଳ ଯୋଗଣ ବିଭାଗ ଏ ସୁବିଧା ଯୋଗାଇବ ।

ପିଲାଙ୍କ ପାଇଁ ସ୍କୁଲରେ ରିକ୍ରିଏସନ ଓ ଖେଳ କୁଦର ସୁବିଧା ମଧ୍ୟ ଥିବା ଦରକାର । ସାମ୍ପ୍ରତିକ ବ୍ୟବସ୍ଥା ଅନୁଯାୟୀ ସ୍କୁଲର ଖଳପଡିଆର ରକ୍ଷଣାବେକ୍ଷଣ ଗୋଷ୍ଠୀ ସମ୍ପୃକ୍ତି ଜରିଆରେ ହେଉଛି । ଗୋଷ୍ଠୀ ସଦସ୍ୟମାନେ 'ଶ୍ରମଦାନ' ବା 'ଗୋଷ୍ଠୀ

ଅବଦାନ' ରୂପରେ ତାଙ୍କ ଅବଦାନ ଦିଅନ୍ତି । ଆଞ୍ଚଳିକ ପରିଚିତ ଦୌଡ଼କୁଦ ରୂପରେ ଦୌଡ଼କୁଦ ବ୍ୟବସ୍ଥା ସ୍କୁଲ ପିଲାଙ୍କ ପାଇଁ ଉପଲବ୍ଧ ହେବା ଆବଶ୍ୟକ ।

ଟିପ୍ପଣୀ

**ଆର.ଟି.ଇ. ଅଧିନିୟମ ୨୦୦୯ ଅନୁଯାୟୀ ଅନ୍ୟ କେତେକ ବାଧ୍ୟତାମୂଳକ ବ୍ୟବସ୍ଥା-**

୧) ରୋଷେଇଶାଳା / ଘର -

ପରିଷ୍କାର ଓ ସ୍ୱାସ୍ଥ୍ୟପ୍ରଦ ଘର ମଧ୍ୟାହ୍ନ ଭୋଜନ ପାଇଁ ଯୋଗାଇ ଦିଆଯିବା ଦରକାର । ଏମ୍.ଡି.ଏମ୍. କାର୍ଯ୍ୟକ୍ରମରେ ରୋଷେଇ ଶାଳର ବ୍ୟବସ୍ଥାଅଛି ।

୨) ପାଚେରୀ ବା ବାଡ଼ - ପାଚେରୀ ବା ବାଡ଼ ଦ୍ୱାରା ସ୍କୁଲକୁ ସୁରକ୍ଷିତ ରଖିବା ଆବଶ୍ୟକ । ବିଭିନ୍ନ ବିପଦ ଚରିବୁଲୁଥିବା ପଶୁ ଏବଂ ଅନ୍ୟାନ୍ୟ ବିରକ୍ତିକର ଓ ଦୁର୍ଜନ ଉପାଦାନ ଠାରୁ ଏହା ସୁରକ୍ଷା ଦେବ । ଆଉ ଗୋଟିଏ ଲାଭ ହେଲା ଏହା ଦ୍ୱାରା ବିଦ୍ୟାଳୟ ବଗିଚା ସୃଷ୍ଟି କରିହେବ । ଏହା ଫଳରେ ସ୍କୁଲହତା ସବୁଜ, ସୁରକ୍ଷିତ ଓ ଶିଶୁ ପ୍ରିୟ ହେବ ।

ସ୍କୁଲରେ ଶିଶୁ ପ୍ରିୟ ବୈଶିଷ୍ଟ୍ୟଗୁଡିକ ଅର୍ନ୍ତଭୁକ୍ତ କରିବା –





**ଶିକ୍ଷଣ କାର୍ଯ୍ୟ – ୧୦**

ଚିତ୍ର, କ ଓ ଖ ମଧ୍ୟରେ ତୁଳନା କର ଯେଉଁଠି ଦୁଇ ପ୍ରକାର ଶ୍ରେଣୀ ଦେଖାଯାଉଛି । ଶିଶୁ ପ୍ରିୟ ବୈଶିଷ୍ଟ୍ୟ ଆଧାରରେ ସେମାନଙ୍କୁ କିପରି ତୁଳନା କରି ହେବ । ଉଦାହରଣସ୍ୱରୂପ ବସିବା ବ୍ୟବସ୍ଥା, ଆସବାବପତ୍ର, ଶିକ୍ଷାର୍ଥୀଙ୍କ ଉତ୍ସାହ, ଶିକ୍ଷକଙ୍କ କାର୍ଯ୍ୟ ବା ଅନ୍ୟ କୌଣସି ଦିଗ ।

ତୁମେ ରାଜି ହେବ ଯେ ସ୍କୁଲ ଗୃହର ଢ଼ାଞ୍ଚା ପିଲାଙ୍କ ଆବଶ୍ୟକତା ଅନୁଯାୟୀ ହେବା ଉଚିତ୍ । ସୁବିଧାଗୁଡିକ ଉଦାହରଣ ସ୍ୱରୂପ ପିଲାଙ୍କ ବୟସ ଅନୁଯାୟୀ ବ୍ୟବସ୍ଥିତ ହେବା ଆବଶ୍ୟକ । ପାନୀୟଜଳ ଟେପଗୁଡିକ ପିଲାଙ୍କ ବୟସ ଅନୁଯାୟୀ ବିଭିନ୍ନ ଉଚ୍ଚତାରେ ରହିବା ଦରକାର । ଆଲମାରି ଓ କପ୍‌ବୋର୍ଡ ପିଲାଙ୍କ ହାତ ପାହାନ୍ତାରେ ରହିବା ଉଚିତ୍ । ବିଦ୍ୟାଳୟ ସ୍ଥାନର ବ୍ୟବହାର ସର୍ବାଧିକ ଶିକ୍ଷା ଜନିତ କାର୍ଯ୍ୟ ପାଇଁ ହେବା ଆବଶ୍ୟକ । ଏକ ଉଦାହରଣ ହେଲା BALA (Building as learning aid) ଅନେକ ରାଜ୍ୟରେ BALA ର ବ୍ୟବହାର ହେଉଛି ଯେପରି ସ୍କୁଲ ହତାର ନିର୍ମାଣ ସ୍ଥାନର ସର୍ବାଧିକ ଶୈକ୍ଷିକ ବ୍ୟବହାର ହୋଇପାରିବ । BALA ର କାର୍ଯ୍ୟକାରି କରୁଥିବା ସ୍କୁଲ ଗୁଡିକ ରଙ୍ଗିନ ଶ୍ରେଣୀ ପ୍ରକୋଷ୍ଠ ସୃଷ୍ଟି କରିଥାନ୍ତି ଓ ଚଟାଣରେ ଅନେକ ଜ୍ୟାମିତିକ ଆକୃତି କରିଥାନ୍ତି । କାନ୍ଥରେ ମଧ୍ୟ ଶିକ୍ଷା ସମ୍ବନ୍ଧୀୟ ପ୍ରାଚୀର ଚିତ କରିଥାନ୍ତି ଓ ପଙ୍ଖାଗୁଡିକ VIBGYOR ରଙ୍ଗରେ ରଙ୍ଗିନ ମଧ୍ୟ କରିଥାନ୍ତି ।

**ନିଜ ଅଗ୍ରଗତି ଆକଳନ -୪**

ପ୍ରଶ୍ନର ଉତ୍ତର ଦିଅ । ଉତ୍ତର ପାଇଁ ଖାଲି ସ୍ଥାନ ଦିଆଯାଇଛି ।

୧. ସ୍କୁଲ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଯୋଜନାର ଦୁଇଟି ଉପଯୋଗିତା ଲେଖ ।

————————————————————————————————

୨. ସ୍କୁଲ ଭିତରେ ପିଲାଙ୍କ ନିରାପତ୍ତା ପାଇଁ RTE ଅଧିନିୟମ ୨୦୦୯ ଦ୍ୱାରା ଆଦେଶକୃତ ୨ଟି ବ୍ୟବସ୍ଥା ବର୍ଣ୍ଣନା କର ।

____________________________________________

____________________________________________

____________________________________________

## ୫.୪.ଶିଶୁକୈନ୍ଦ୍ରିକ ଶୈକ୍ଷିକ ପ୍ରକ୍ରିୟାକୁ ସହଜ ସୁଗମ କରିବା-

ଶିକ୍ଷଣ କାର୍ଯ୍ୟ – ୧୧

ତମେ ପଢ଼ାଉଥିବା ଏକ ବିଷୟରେ ଏକପାଠ ଯୋଜନାର ରୂପରେଖ ପ୍ରସ୍ତୁତ କର । ଯୋଜନାର ସମସ୍ତ ଅଂଶ ଲେଖ । ନିର୍ଦ୍ଦିଷ୍ଟ ଭାବରେ ସୂଚୀତ କର

- ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀଙ୍କୁ ନିୟୋଜିତ କରିବା ପାଇଁ ତୁମେ ବ୍ୟବହାର କରୁଥିବା କୌଶଳ –
- ଶିକ୍ଷାଦାନରେ ତୁମେ ବ୍ୟବହାର କରିଥିବା ଯେକୌଣସି ଶିକ୍ଷାଦାନ ଶିକ୍ଷଣ ସହାୟକ ସାମଗ୍ରୀ
- ଅତିରିକ୍ତ ସମ୍ବଳ, ଗ୍ରନ୍ଥାଗାର, ଗଣମାଧ୍ୟମ, ଅନ୍ୟ ଗୋଷ୍ଠୀ ସମ୍ବଳ ଯାହାର ବ୍ୟବହାର ପାଇଁ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରାଯାଏ ।

ପାଠଦାନ ପାଇଁ ତୁମେ ବ୍ୟବହାର କରିଥିବା କୌଶଳକୁ ଶିକ୍ଷକ କୈନ୍ଦ୍ରିକ ବା ଶିକ୍ଷାର୍ଥୀ କୈନ୍ଦ୍ରିକ ରୂପେ ଶ୍ରେଣୀଭୁକ୍ତ କର । ଶ୍ରେଣୀର ପ୍ରକ୍ରିୟା ସିଧାସଳଖ ଶିକ୍ଷାର ଗୁଣାତ୍ମକତାକୁ ପ୍ରଭାବିତ କରେ । ତୁମେ ରାଜି ହେବ ଯେ ଏକ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା ସର୍ବଦା ଶିକ୍ଷକ ନିୟନ୍ତ୍ରିତ ପନ୍ଥା ଅପେକ୍ଷା ଗ୍ରହଣ ଯୋଗ୍ୟ ଅଟେ । ମାତ୍ର ଏହି ସତ୍ୟ ସତ୍ତ୍ୱେ ସାଧାରଣରେ ଶ୍ରେଣୀରେ ବ୍ୟବହୃତ କୌଶଳ ପ୍ରାୟ ଶିକ୍ଷକ କୈନ୍ଦ୍ରିକ ପଦ୍ଧତି ହିଁ ହୋଇଥାଏ । ଯେପରି – ବକ୍ତୃତା ପଦ୍ଧତି । ତୁମେ ଅବଗତ ଥିବ ଯେ ... ୨୦୦୫ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥାର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଆରୋପ କରେ । ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମିତ୍ତ ୨୦୦୯ରେ ପରିକଳ୍ପିତ ଶିଶୁ କୈନ୍ଦ୍ରିକ ଶୈକ୍ଷିକ ପନ୍ଥା ସମୂହ ବିଷୟରେ ଆମେ ଏବେ ଆଲୋଚନା କରିବା ।

### ୫.୪. ୧. ଶିଶୁ କୈନ୍ଦ୍ରିକ ପନ୍ଥା – ଧାରଣା

ଦେଶର ବିଭିନ୍ନ ପ୍ରାନ୍ତରେ ଅନେକ ପରୀକ୍ଷା କରାଯାଇଛି ଯାହା ଶିଶୁକୈନ୍ଦ୍ରିକ ଶିକ୍ଷାକୁ ଉତ୍ସାହିତ କରିଥାନ୍ତି । ଉଦାହରଣ ସ୍ୱରୂପ ତାମିଲନାଡୁରେ ଶିକ୍ଷଣ କାର୍ଯ୍ୟ ଭିତିକ ପନ୍ଥା, କର୍ଣ୍ଣାଟକରେ ନାଲି – କଲି କାର୍ଯ୍ୟକ୍ରମ ଓ କର୍ଣ୍ଣାଟକର ହୋସଙ୍ଗାବାଦ ବିଜ୍ଞାନ ଶିକ୍ଷାଦାନ କାର୍ଯ୍ୟକ୍ରମ । ଏ ସମସ୍ତ କାର୍ଯ୍ୟକ୍ରମର କେନ୍ଦ୍ରରେ ଶିଶୁର ସର୍ବାଙ୍ଗୀନ ବିକାଶ ହିଁ ଅଛି ଯେଉଁଥିରେ ଶିଶୁ ସକ୍ରିୟ ଭାବରେ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ ହୋଇଥାଏ । ଏହା ଫଳରେ ତାର ବିଚାର ସମ୍ମତ ଚିନ୍ତା ଓ ସମସ୍ୟା ସମାଧାନ କୌଶଳର ବିକାଶ ହୁଏ ।

ତୁମେ ଶିଶୁକୈନ୍ଦ୍ରିକ ଶିକ୍ଷା ପ୍ରକ୍ରିୟା ସମ୍ବନ୍ଧରେ ପଢ଼ିଛ ଯାହା ତୁମକୁ ସ୍କୁଲ ପରିସ୍ଥିରେ ଶିଶୁକୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସାହାଯ୍ୟ କରିବ । ଏ ସବୁ କୋର୍ସ ୩ ରେ ଆଲୋଚିତ ହୋଇଛି । ଯାହାରନାଁ ଥିଲା ପ୍ରାରମ୍ଭିକ ଶିକ୍ଷାରେ ଶୈକ୍ଷିକ ପ୍ରକ୍ରିୟା ।

ପାରମ୍ପରିକ ପଦ୍ଧତିରେ ଶିକ୍ଷକ ଶ୍ରେଣୀ ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଥିଲେ ଓ ଶିକ୍ଷାର୍ଥୀମାନେ କେବଳ ନିଷ୍କ୍ରିୟ ଗ୍ରହୀତା ଥିଲେ । ଶିଶୁ କୈନ୍ଦ୍ରିକ ପନ୍ଥାର ଅନ୍ତର୍ନିହିତ ଦର୍ଶନ ହେଲା 'ଜ୍ଞାନ ନିର୍ମାଣ', ଯେଉଁଥିରେ ଶିକ୍ଷାର୍ଥୀ ନିଜର ପୂର୍ବ ଅଭିଜ୍ଞତା ଆଧାରରେ ନିଜ ଜ୍ଞାନର ନିର୍ମାଣ ନିଜେ କରେ । ଶିକ୍ଷାର୍ଥୀମାନେ ଶିକ୍ଷଣ କୌଶଳ ନିଜେ ସ୍ଥିର କରନ୍ତି । ଶିକ୍ଷକ ଏକ ସହାୟକ ଭୂମିକାରେ ରହି ଶିକ୍ଷଣ କାର୍ଯ୍ୟର ଢ଼ାଞ୍ଚା ସ୍ଥିର କରନ୍ତି ଓ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀର ମାର୍ଗଦର୍ଶନ କରନ୍ତି । ଅଭିଜ୍ଞତା ଆଧାରିତ କୌଶଳ ସାହାଯ୍ୟରେ ଶିଶୁକୈନ୍ଦ୍ରିକ ପନ୍ଥାର ବ୍ୟବହାର ହୋଇପାରିବ ।



ଟିପ୍ପଣୀ

ଏଠାରେ ଶିକ୍ଷଣ ପ୍ରକ୍ରିୟା କାମରୁ ଆରମ୍ଭ ହୁଏ ଓ ଶିକ୍ଷାର୍ଥୀ ମଧ୍ୟରେ ପ୍ରତିଫଳନାତ୍ମକ ଚିନ୍ତାର ବିକାଶ କରେ । ଆଉ ଏକ ପନ୍ଥା ହେଲା ସମସ୍ୟା ସମାଧାନ ଯେଉଁଥିରେ ଶିକ୍ଷାର୍ଥୀ ଅନୁକଳ୍ପନା ଗଠନ କରନ୍ତି, ସମାଧାନର ପରାମର୍ଶ ଦିଅନ୍ତି, ପରୀକ୍ଷା କରନ୍ତି, ସାମାନ୍ୟୀ କରଣ କରି ସମାଧାନରେ ପହଁଚିନ୍ତି ଓ ନିଜ ଫଳାଫଳାର ତୁଳନା କରନ୍ତି । ଏହି ପନ୍ଥା ଗୁଡିକ ଚିନ୍ତାକରିବା, ପର୍ଯ୍ୟବେକ୍ଷଣ ଓ ଖୋଜି ବାହାର କରିବା କୌଶଳର ବିକାଶରେ ସହାୟକ ହୋଇଥାଏ । ଜଣେ ଶିକ୍ଷକ ରୂପେ ତୁମେ ଶିକ୍ଷଣର ଏପରି ଯତ୍ନ ନେବା ଆବଶ୍ୟକ । ଯେଉଁ ପନ୍ଥାରେ ଶିକ୍ଷାର୍ଥୀ ନିଜ ଆଞ୍ଚଳିକ ପରିସ୍ଥିତିରେ ପ୍ରତ୍ୟକ୍ଷ ଅନୁଭୂତି ମାଧ୍ୟମରେ ଜ୍ଞାନ ଓ କୌଶଳ ହାସଲ କରିବ ।

**୫.୪.୨. ଶିକ୍ଷାର୍ଥୀଙ୍କୁ ବୁଝିବା-**

ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶ ପାଇଁ ଆର୍.ଟି.ଇ. ଅଧିନିୟମ ଶିକ୍ଷାର୍ଥୀ ସହ ବନ୍ଧୁ ଭାବାପନ୍ନ ଓ ଶିଶୁକୈନ୍ଦ୍ରିକ ଶିକ୍ଷା ପ୍ରକ୍ରିୟାକୁ ସ୍ୱୀକୃତି ଦେଇଛି । ଶିକ୍ଷକଙ୍କ ଭୂମିକାକୁ ଏକ ସହାୟକ ରୂପେ କଳ୍ପନା କରାଯାଇଛି ଯେ ଶିଶୁଙ୍କୁ ଅଭିପ୍ରେରିତ କରିବେ ଯେପରି ସେମାନେ ଶିକ୍ଷଣକୁ ନିଜ ଦୈନନ୍ଦିନ ଜୀବନ ସହଯୋଡିବେ ଓ ଜ୍ଞାନର ନିର୍ମାଣ କରିବେ । ଶିକ୍ଷକ ଶିକ୍ଷାର୍ଥୀର ଯେଉଁସବୁ ସମ୍ବନ୍ଧରେ ଜ୍ଞାତ ହେବେ ସେଗୁଡିକ ହେଲା :-

➢ ଶିଶୁର ଶାରିରୀକ ବିକାଶ ଓ ସ୍ୱାସ୍ଥ୍ୟ । ଶିକ୍ଷାର୍ଥୀ ବିକାଶର ସ୍ତର ଅନୁସାରେ ଶିକ୍ଷଣ ଅଭିଜ୍ଞତା ଯୋଗାଇ ଦିଆଯାଇପାରିବ ।

➢ ଶିକ୍ଷାର୍ଥୀର ମାନସିକ ଦକ୍ଷତା ଓ ସାମର୍ଥ୍ୟ – ଶିକ୍ଷାର୍ଥୀମାନେ ସେମାନଙ୍କ ଭାଷାଗତ, ସ୍ଥାନଜନିତ, ଗାଣିତିକ, ସଙ୍ଗୀତ ସମ୍ବନ୍ଧୀୟ, ଅଙ୍ଗପ୍ରତ୍ୟଙ୍ଗ ଚାଳନାରେ ପରସ୍ପରଠାରୁ ଭିନ୍ନ ଅଟନ୍ତି । ସ୍ତର ଆଧାରରେ ସେମାନଙ୍କୁ ଶିକ୍ଷଣ ଅଭିଜ୍ଞତା ଯୋଗାଇ ଦିଆଯାଇପାରିବ ଯେପରି ତା' ଉପରେ ସେମାନଙ୍କ ବିକାଶ ହେବ ।

➢ ସଂସ୍କୃତି – ସାଧାରଣତଃ ଶିକ୍ଷଣ ଶିକ୍ଷାର୍ଥୀର ସାଂସ୍କୃତିକ ଅଭିଜ୍ଞତା ଦ୍ୱାରା ପ୍ରଭାବିତ ହୋଇଥାଏ । ଉଦାହରଣ ସ୍ୱରୂପ ସେମାନେ ଘରେ, ଗୋଷ୍ଠୀରେ ଓ ନିଜ ସହପାଠୀମାନଙ୍କ ସହିତ ବିଦ୍ୟାଳୟରେ ହାସଲ କରିଥିବା ଅଭିଜ୍ଞତା । ଶିକ୍ଷକ ସାଂସ୍କୃତିକ ପୃଷ୍ଠଭୂମି ବୁଝି ସେ ଅନୁଯାୟୀ ଶିକ୍ଷଣ ଅନୁଭୂତି ଯୋଗାଇ ଦେବା ଆବଶ୍ୟକ ।

ଆର୍.ଟି.ଇ. ଅଧିନିୟମ ଆକଳନର ନୂଆ ସଂଜ୍ଞା ନିର୍ଦ୍ଧାରଣ କରିଛି ଯେଉଁଥିରେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଂଶରୂପେ ଏହାକୁ ଗ୍ରହଣ କରାଯାଇଛି । ଆଗରୁ ଏହାକୁ ଶିକ୍ଷା ପ୍ରକ୍ରିୟାର ଶେଷ / ପ୍ରାନ୍ତ ବିନ୍ଦୁ ରୂପେ ଦେଖାଯାଉଥିଲା । ଶୈକ୍ଷିକ ଉପଲବ୍ଧି ସମ୍ବନ୍ଧରେ ନିରନ୍ତର ସୂଚନା ଦେବା ହିଁ ଆକଳନର ଉଦ୍ଦେଶ୍ୟ । ଆର୍.ଟି.ଇ. ଅଧିନିୟମରେ କୌଣସି ଶିକ୍ଷାର୍ଥୀଙ୍କୁ ଗୋଟିଏ ଶ୍ରେଣୀରେ ଅଟକାଯାଇ ପାରିବନାହିଁ । କୌଣସି ଶ୍ରେଣୀରେ ଫେଲ୍ ବୋଲି ଘୋଷଣା କରାଯିବ ନାହିଁ । ଏହା ଏଥିପାଇଁ କୁହାଯାଇଛି ଯେ କୌଣସି ମୂଲ୍ୟାୟନ ଏପରିକି ପରୀକ୍ଷା ମଧ୍ୟ ଶିକ୍ଷାର୍ଥୀଙ୍କୁ ଗୋଟିଏ ଶ୍ରେଣୀରେ ଅଟକାଇବା ପାଇଁ ଆଧାର ହୋଇପାରିବ ନାହିଁ ।

ଆର୍.ଟି.ଇ. ଅଧିନିୟମରେ ଶିଶୁକୈନ୍ଦ୍ରିକ ଶିକ୍ଷା, ଏନ୍.ସି.ଏ. ୨୦୦୫ ସହ ଏକମତ ଯେଉଁଥିରେ ନିରନ୍ତର ସଂବ୍ୟାପକ ମୂଲ୍ୟାୟନର ବ୍ୟବସ୍ଥା ଅଛି । ସାମ୍ପ୍ରତିକ ପରୀକ୍ଷା ବ୍ୟବସ୍ଥା ଶିଶୁକୈନ୍ଦ୍ରିକ ଶିକ୍ଷା ସହ ମେଳ ଖାଏ ନାହିଁ । ତୁମେ ଶିଶୁର ବିଭିନ୍ନ ଦିଗ, ଆଚରଣ ଓ ମନୋବୃତ୍ତି ଇତ୍ୟାଦିର ପର୍ଯ୍ୟବେକ୍ଷଣ କରି ତା ସମ୍ବନ୍ଧରେ ଏକ ସମ୍ପୂର୍ଣ୍ଣ ଚିତ୍ର ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ତେଣୁ କେବଳ କେତେକ ସ୍କୁଲ ବିଷୟରେ ଶିକ୍ଷାର୍ଥୀ ଉପଲବ୍ଧି ସିମୀତ ରହିବ ନାହିଁ । ଜଣେ ଶିକ୍ଷକ ରୂପେ ତୁମ ସ୍କୁଲରେ ତୁମେ ଜଣେ ସମର୍ଥ ସହାୟକ ରୂପେ କାମ କରିବ ଯେପରି ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶ ହେବ । ଏଥିପାଇଁ ଗୁଣାତ୍ମକ ଶିକ୍ଷା ଦିଆଯିବା ଆବଶ୍ୟକ । ତୁମେ ଶିକ୍ଷାର୍ଥୀର ହକ୍ ସମ୍ବନ୍ଧରେ ସଜାଗ ହେବା ଆବଶ୍ୟକ ଓ ଶିକ୍ଷାର୍ଥୀର ଦୁନିଆକୁ ବଝିବା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ ।

ଟିପ୍ପଣୀ

## ୫.୫. ସାରାଂଶ

ଏହି ଏକକରେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ପାଇଁ ଦୃଷ୍ଟିଭଙ୍ଗୀରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ତୁମେ ପଢ଼ିଲ । ଆର. ଟି.ଇ. ୨୦୦୯ ଅଧିନିୟମ ଶିଶୁର ହକ୍ ପାଇଁ କହୁଥିବାବେଳେ ୟୁ. ଇ. ଇ. ପାଇଁ ଆଗରୁ ପ୍ରୋତ୍ସାହନ ଆଧାରିତ ଦୃଷ୍ଟିଭଙ୍ଗୀ ଥିଲା । ବୟସ ଅନୁଯାୟୀ ଶିଶୁଙ୍କ ପାଇଁ ଗୁଣାତ୍ମକ ପ୍ରାରମ୍ଭିକ ଶିକ୍ଷା ଜରିଆରେ ଶିକ୍ଷାକୁ ସମ୍ପତା ଆଧାରିତ ପ୍ରବେଶ କରିବା କଥା ଏଇ ଏକକରେ ବର୍ଣ୍ଣନା ହୋଇଛି । ଏଥିରେ ଅଧିକାର ଆଧାରିତ ଦୃଷ୍ଟିଭଙ୍ଗୀ ଓ ଅନ୍ତର୍ଗତ ବ୍ୟବସ୍ଥାମାନ ସ୍ଥାନିତ ହୋଇଛି । ଶିକ୍ଷା ପରପ୍ରେକ୍ଷୀରେ ଶିଶୁ ଅଧିକାର ଗୁଡିକର ବ୍ୟାଖ୍ୟା ହୋଇଛି ଓ ଏକ ନିରାପଦ ତଥା ସୁସ୍ଥ ପରିବେଶ ଯୋଗାଇବାରେ ଶିକ୍ଷକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି । ଶିକ୍ଷା ପାଇଁ ଅଧିକାରକୁ ଏକ ମାନବିକ ଅଧିକାର ରୂପେ ବର୍ଣ୍ଣନା କରାଯାଇଛି ଓ ରାଷ୍ଟ୍ର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇଦେବାକୁ ନିଶ୍ଚିତ କରାଯାଇଛି । ସମଗ୍ର ସ୍କୁଲର ବିକାଶର ଆଲୋଚନା ହୋଇଛି ଯେଉଁଥିରେ ପ୍ରବେଶ ଜନୀତ ସମ୍ପତା ଓ ଗୁଣାତ୍ମକତାକୁ ସାମଗ୍ରୀକ ରୂପେ ସମନ୍ୱିତ କରାଯାଇଛି । ଶାରୀରିକ ଓ ସାମାଜିକ ପ୍ରବେଶକୁ ଏପରି ବିସ୍ତାରିତ କରାଯାଇଛି ଯେପରି ଜଣେ ସ୍କୁଲ ଶିକ୍ଷକ ଭେଦଭାବ ରହିତ, ନମନୀୟ କାର୍ଯ୍ୟଧାରା ଗ୍ରହଣ କରିବେ ଓ ତାହା ସମସ୍ତ ପିଲାଙ୍କୁ ଅନ୍ତର୍ଭୁକ୍ତ କରିବ( ଇନ୍‌କ୍ଲୁଜନ) । ସମ୍ପତାକୁ ଆର୍.ଟି.ଇ.ଅଧିନିୟମରେ ବାଧ୍ୟତାମୂଳକ କରାଯିବ । ଶୈଳୀରେ ବ୍ୟାଖ୍ୟା କରାଯାଇଛି । ଲିଙ୍ଗଗତ ସମାନତା, ସମସ୍ତ ବଂଚିତ ଓ ଅସାମଂଜସ୍ୟ ଶ୍ରେଣୀର କଥା ଆଲୋକିତ ହୋଇଛି । ଏହି ଏକକରେ ଗୁଣାତ୍ମକତା କଥା ବିଶଦ ଭାବେ ବର୍ଣ୍ଣନା କରାଯାଇଛି ଯାହା ପ୍ରବେଶ ଏବଂ ସମ୍ପତା ଉପରେ ନିର୍ଭର କରେ । ଆର୍.ଟି.ଇ. ଅଧିନିୟମରେ ଥିବା ପର୍ଯ୍ୟାପ୍ତ ଭୌତିକ ସୁବିଧାର ମଧ୍ୟ ବିସ୍ତାରିତ ଆଲୋଚନା ହୋଇଛି । ସମସ୍ତ ପ୍ରାରମ୍ଭିକ ଶିକ୍ଷାର୍ଥୀଙ୍କର ଶ୍ରେଣୀ କୋଠରୀ, ଖେଳ ପଡିଆ, ଗ୍ରନ୍ଥାଗାର, ଦୌଡକୁଦ ସାମଗ୍ରୀ, ଶୌଚାଳୟ ଓ ପାନୀୟ ଜଳ ପରି ମୌଳିକ ସୁବିଧା ପାଇବା ହକ୍ ଅଛି । ଭୌତିକ ସୁବିଧା ସହ ଗୁଣାତ୍ମକତା ମଧ୍ୟ ଶୈକ୍ଷିକ ସୁବିଧା ଉପରେ ନିର୍ଭରଶୀଳ ଯାହା ମଧ୍ୟରେ ଶିକ୍ଷକ, ପାଠ୍ୟକ୍ରମ, ପାଠବହି ଓ ଶିଶୁକୈନ୍ଦ୍ରିକ ପନ୍ଥାର ବ୍ୟବହାର ଅନ୍ତର୍ଭୁକ୍ତ । ଜଣେ ଶିକ୍ଷକ ରୂପେ RTE ଅଧିନିୟମ ୨୦୦୯ର ବ୍ୟବସ୍ଥା ସମ୍ବନ୍ଧରେ ସଚେତନ ହେବା ଓ କାର୍ଯ୍ୟକାରୀ କରିବା ଆବଶ୍ୟକ । ଶିକ୍ଷାର୍ଥୀର ହକ୍ ସମ୍ବନ୍ଧରେ ଜାଣିବା ମଧ୍ୟ ଆବଶ୍ୟକ, ଯାହା ଫଳରେ ଶିକ୍ଷାର୍ଥୀର ବ୍ୟକ୍ତିତ୍ୱର ସାମଗ୍ରୀକ ବିକାଶ ହାସଲ ହୋଇପାରିବ ।

## ୫.୬ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

**ନିଜ ଅଗ୍ରଗତି ଆକଳନ - ୧**

୧. କ) ଝିଅଙ୍କ ପାଇଁ ୧୮ ଓ ପୁଅଙ୍କ ପାଇଁ ୨୧ ବର୍ଷ

ଖ) ୧୮ ବର୍ଷରୁ ଉର୍ଦ୍ଧ୍ୱ

ଗ) ୧୮ ବର୍ଷରୁ ଉର୍ଦ୍ଧ୍ୱ

**ନିଜ ଅଗ୍ରଗତି ଆକଳନ - ୨**

୧. ୧୮ ବର୍ଷ ପର୍ଯ୍ୟନ୍ତ କୌଣସି ବିପଦପୂର୍ଣ୍ଣ ବୃତ୍ତିରୁ ସୁରକ୍ଷିତ ରହିବା ଅଧିକାର (ଧାରା ୨୪) ଓ ଅପବ୍ୟବହାର ଆର୍ଥିକ ଆବଶ୍ୟକତାର ବାଧ୍ୟବାଧକତାରୁ ବୟସ ଅନୁପଯୋଗୀ ବୃତ୍ତିରେ ପଶିବାରୁ ସୁରକ୍ଷିତ ରହିବା ଅଧିକାର । (ଧାରା – ୩୯ (ଙ)

**ନିଜ ଅଗ୍ରଗତି ଆକଳନ - ୩**

୧. କ) ଆଦିବାସୀ ଭାଷାରେ ଟି.ଏଲ୍.ଏମ୍. ପ୍ରସ୍ତୁତି ପାଇଁ ନିଜ ଅଂଚଳର ଗୋଷ୍ଠୀ ଲୋକଙ୍କ ସାହାଯ୍ୟର ଉପଯୋଗ କରିବା ।



ଟିପ୍ପଣୀ

ଖ) ଶ୍ରେଣୀରେ ଆଦିବାସୀ ପିଲାଙ୍କୁ ଠିକ୍ ରୂପେ ବୁଝିବା ପାଇଁ ସଂସ୍କୃତି, ପ୍ରଥା ଓ କାର୍ଯ୍ୟଧାରା ବିଷୟରେ ଅଣଆଦିବାସୀ ଶିକ୍ଷକଙ୍କୁ ସମ୍ବେଦନଶୀଳ କରିବା ।

**ନିଜ ଅଗ୍ରଗତି ଆକଳନ - ୪**

୧. କ) ଅନ୍ୟଥା ବିଦ୍ୟାଳୟ ଆସିବା ପାଇଁ କୁଣ୍ଠାପ୍ରକାଶ କରୁଥିବା ଶିଶୁଙ୍କ ପାଇଁ ଏମ୍.ଡି.ଏମ୍. କାର୍ଯ୍ୟକ୍ରମ ଏକ ପ୍ରୋତ୍ସାହନ ଓ ଆକର୍ଷଣ ରୂପେ କାମ କରେ । ତେଣୁ ଏହା ସ୍କୁଲର ଉପସ୍ଥାନକୁ ବଢାଏ । ଯେଉଁ ପିଲାମାନେ ଅଳ୍ପପୋଷଣ ବା କୁପୋଷଣର ଶିକାର ସେମାନଙ୍କ ପାଇଁ ମଧ୍ୟ ଏହା ପୋଷଣ ସ୍ତର ବୃଦ୍ଧି କରେ ।

ଖ) ସ୍କୁଲ୍‌ର ଭୌତିକ ସୁବିଧା ସୁଯୋଗରେ ଏପରି ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବା ଆବଶ୍ୟକ, ଯେପରି ତାହା ଶିଶୁମାନଙ୍କୁ ମନୁଷ୍ୟକୃତ ବିପଦରୁ ରକ୍ଷା କରିବ ।

୨. କ) ନିଶ୍ଚିତ ରୂପେ ସ୍କୁଲରେ ପାଚେରୀ ବା ବାଡର ବ୍ୟବସ୍ଥା ରହିବା ଆବଶ୍ୟକ । ଯେପରି ଅନାବଶ୍ୟକ ଆଗନ୍ତୁକ ଓ ଦୁଷ୍ଟ ପ୍ରକୃତିର ବ୍ୟକ୍ତିଙ୍କ ଠାରୁ ଏହା ସୁରକ୍ଷିତ ରହିବ । ଏହା ମଧ୍ୟ ଚରୁଥିବା ଗାଈଗୋରୁ, ଛେଳି ଓ ଅନ୍ୟାନ୍ୟଙ୍କଠାରୁ ସୁରକ୍ଷିତ ରଖିବ ।

ଖ) ବିଦ୍ୟାଳୟ ଗୃହ ଏପରି ସଜ୍ଜିତ ହେବା ଆବଶ୍ୟକ ଯେପରି ତାହା ଭୂମିକମ୍ପ ଜନିତ କ୍ଷତିରୁ ସୁରକ୍ଷିତ ରହିବ ।

## ୫.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ

1. Chinobo, Joseph.P.G.(2005): Issues in Basic Education in Developing Countries: An Exploration of Policy Options for Improved Delivery. Journal of International Cooperation in Education. Volume 8, No: 1, pp 129-152. Retrieved (20-09-2011) from http://home.hiroshima-u.ac.jp/cice/chimombo8-1.pdf
2. DEP-SSA, IGNOU (2007): Effective Classroom Processes (A Resource Book)
3. Pajankar, V.D. and Pajankar, P.V. (2010). Development of School Education Status in India. Journal of Social science, 22(1), pp 15-23. Retrieved (30-09-2011) from http://www.krepublishers.com/02-Journals/JSS/JSS-22-0-000-10-Web/JSS-22-1-000-10-Abst-PDF/JSS-22-1-015-10-935-
4. Public Report on Basic Education in India (1999) : Oxford University Press, New Delhi
5. Right to Education Act 2010, Government of India. Journal of Social Science, 22(1).Retrieved (20-09-2011) from http://www.education.nic.in/elementary/free%20and%20compulsory.pdf
6. Sarva Shiksha Abhiyan, Framework of Implementation (16-12-2010). Retrieved (24-09-2011) from http://www.cips.org.in/public-sector-systemsgovernment innovations/documents/articles/draft_ssa_framework.pdf
7. Sarva Shiksha Abhiyan, Framework of Implementation (Revised 09-06-2011). Retrieved (24-09-2011) from http://ssa.nic.in/page_portletlinks?foldername=ssa-framework
8. S. Kishore (18th April, 2011). Report of the Special Rapporteur on the Right

ଟିପ୍ପଣୀ

to Education Retrieved ( 17-10-2011) from http://www.vvob.be/intranet/files/a-hrc-17-29.pdf

9. Sharma, S (2006). Learner Centered Approaches, in Santosh Sharma (ed) Constructivist Approaches to Teaching and Learning. Handbook for teachers of Secondary Stage, NCERT, New Delhi

**Web Resources (Accessed on 24-09-2011)**

**1.** www.cips.org.in/public-sector-systems-government-innovation/docments/articles/draft-ssa-framework.pdf

**2.** http://www.indg.in/primary-education/education-as-fundamental-humanright/education-as-fundamental-and-human-right-1

**3.** http://mdm.nic.in/

**4.** http://www.ecoliteracy.org/teach

**5.** www.asercentre.org

**6.** https://edutechdebate.org/teacher-training/we-cannot-train-more-teacherswe-must-empower-them-with-technology/

**7.** http://www.studentsoftheworld.info/sites/society/childabuse.php

**8.** http://www.pluggd.in/right-to-education-fundamental-right-in-india-297/

**9.** http://www.thehindu.com/education/article2134454.ece

**10.** http://mumbaismiles.blogspot.com/2010_05_01_archive.html

## ୫.୮ ପାଠାନ୍ତ ପ୍ରଶ୍ନାବଳୀ

୧. ଶିକ୍ଷା ଅଧିକାରର ମୁଖ୍ୟ ଉଦ୍ଦେଶ୍ୟଗୁଡିକର ବାଖ୍ୟା କର ।

୨. ଏକ ସୁସ୍ଥ ପରିବେଶ ପାଇବା ପାଇଁ ପିଲାଙ୍କୁ ସ୍କୁଲର କେଉଁ ସବୁ ସମ୍ବଳ ସାହାଯ୍ୟ କରେ ।